


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୫ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 25 JANUARY 2023
Vol.No. 34 ■ No. 24 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# 'ସର୍ଜିକାଲ'ବୟାନକୁ ନେଇ ଘେରିଲା ବିଜେପି

## ଚାରିଆଡୁ ବିରୋଧ, କାଶ୍ମୀରରେ ପୋଡ଼ାଜଳା



ନୂଆଦିଲ୍ଲୀ,୨୪/୦୧ :ସୋମବାର ଭାରତ ଯୋଡ ଯାତ୍ରା ବେଳେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂ ସର୍ଜିକାଲ ଷ୍ଟ୍ରାଇକକୁ ନେଇ ପ୍ରଶ୍ନ ଉଠାଇଥିଲେ । ଯଦିଓ କଂଗ୍ରେସ ଏହାକୁ ତାଙ୍କର ବ୍ୟକ୍ତିଗତ ମତ ବୋଲି କହିଥିଲା କିନ୍ତୁ ଶାସକ ଦଳ ବିଜେପି ଏହା କଂଗ୍ରେସର ଅଭିମୁଖ୍ୟ ବୋଲି କହିଛି । ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଦିଗବିଜୟ ପ୍ରଶ୍ନ ଉଠାଇଛନ୍ତି । ବିବାଦ ବଢୁଥିବା ଦେଖି ମଙ୍ଗଳବାର ରାହୁଲ ଗାନ୍ଧୀ ଡେମେଜ କଂଟ୍ରୋଲ ପାଇଁ ସାମ୍ନାକୁ ଆସିଛନ୍ତି । ଆଉ କହିଛନ୍ତି, ଏହା ତାଙ୍କର ବ୍ୟକ୍ତିଗତ ମତ, ଏହା ଦଳର ନୁହେଁ । ଦେଶର ସେନା ତାର କାର୍ଯ୍ୟ ଭଲ କରୁଛି । ଏପଟେ ଦଳର ଆଭିମୁଖ୍ୟ ଦେଖି ଦିଗବିଜୟ ନରମିଛନ୍ତି । ଦିଗବିଜୟ ସିଂଙ୍କ ସର୍ଜିକାଲ ଷ୍ଟ୍ରାଇକକୁ ନେଇ ବିବାଦିୟ ମନ୍ତବ୍ୟ ରଖିବା ପରେ ବିଜେପି ସେହି ରଣନୀତି ଆପଣାଇଛି ଯେଉଁ ରଣନୀତି ଆପଣାଇ ୨୦୧୯ ସାଧାରଣ ନିର୍ବାଚନରେ ସଫଳ ହୋଇଥିଲା । ଆଗକୁ ୨୦୨୪ ନିର୍ବାଚନ, ଏହା ପୂର୍ବରୁ ୯ ରାଜ୍ୟର ବିଧାନସଭା ନିର୍ବାଚନ ରହିଛି । ବାରମ୍ବାର କଂଗ୍ରେସ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରୁଥିବା ବେଳେ ଏହି ବୟାନକୁ ନେଇ ବିଜେପି କଂଗ୍ରେସକୁ ଘେରିଛି । ଏପଟେ ଏହି ବୟାନକୁ ନେଇ ଜମ୍ମୁ କଶ୍ମୀର ସହ ଅନ୍ୟ କେତକ ସ୍ଥାନରେ ବିକ୍ଷୋଭ ପଦର୍ଶନ କରଯାଇଛି । ଲୋକେ ପୋଡାଜଳା କରି ପ୍ରତିବାବ କରୁଥିବାର ଚିତ୍ର ମଧ୍ୟ ସାମ୍ନାକୁ ଆସିଛି । ଭାରତ ଯୋଡ ଯାତ୍ରାକୁ ନେଇ ପରୋକ୍ଷରେ ପ୍ରଧାନମନ୍ତ୍ରୀ ବିଜେପିର ଜାତୀୟ କାର୍ଯ୍ୟକାରିଣୀରେ ସତର୍କ କରାଇଥିଲେ । କେଉଁଠି ନାଁ କେଉଁଠି ରାହୁଲଙ୍କ ଏହି ଯାତ୍ରା ଦଳ ସପକ୍ଷରେ ଏକ ଅନୁକୁଳ ବାତାବରଣ ସୃଷ୍ଟି କରୁଥିଲା । ଏହି ସମୟରେ ଦିଗବିଜୟଙ୍କ ବୟାନ କଂଗ୍ରେସକୁ ପଛରେ ପକାଇଦେଇଛି ।

## ସୁପ୍ରିମକୋର୍ଟ ଆଇବି ଏବଂ 'ର' ଅଧିକାରୀଙ୍କ ତଥ୍ୟ ସାର୍ବଜନୀନ କରିବାକୁ କେନ୍ଦ୍ର ଆଇନ୍ ମନ୍ତ୍ରୀ କିରଣ ରିଜଜୁଙ୍କ ନାପସନ୍ଦ



ନୂଆଦିଲ୍ଲୀ, ୨୪/୦୧ : ସୁପ୍ରିମକୋର୍ଟ ଆଇବି ଏବଂ 'ର' ଅଧିକାରୀଙ୍କ ତଥ୍ୟ ସାର୍ବଜନୀନ କରିବାକୁ ନାପସନ୍ଦ କରିଛନ୍ତି କେନ୍ଦ୍ର ଆଇନ୍ ମନ୍ତ୍ରୀ କିରଣ ରିଜଜୁ । ଏପରି କରିବା ଅତ୍ୟନ୍ତ ଚିନ୍ତାର ବିଷୟ । ଏହା ଉପରେ ସେ ଠିକଣା ସମୟରେ ଜବାବ ରଖିବେ ବୋଲି କହିଛନ୍ତି । ଏବେ ପ୍ରତିକ୍ରିୟା ରଖିବା ଉପଯୁକ୍ତ ସମୟ ନୁହେଁ ବୋଲି ସେ କହିଛନ୍ତି । ଦେଶ ପାଇଁ ନିଜ ପରିଚୟକୁ ବଦଳାଇ କିମ୍ବା ଗୁପ୍ତ ରଖି ଅତ୍ୟନ୍ତ ସମ୍ବେଦଶୀଳ ଅଂଚଳରେ କାମ କରୁଥିବା ଅଫିସରଙ୍କ ତଥ୍ୟକୁ ସାର୍ବଜନୀନ କରାଗଲେ ଆଗାମୀ ଦିନରେ ସେମାନେ ତଥ୍ୟ ଦେବା ପୂର୍ବରୁ ଚିନ୍ତା କରିବେ । ଏହାର ପ୍ରଭାବ ମଧ୍ୟ ପଡ଼ିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଗତ ସପ୍ତାହରେ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ କଲେଜିୟମ ସୁପ୍ରିମକୋର୍ଟ ୱେବସାଇଟରେ କେନ୍ଦ୍ର ସରକାର କାହିଁକି ୩ ଜଣ ଆଶାୟୀଙ୍କୁ ବିଚାରପତି ଭାବେ ପ୍ରମୋସନ ଦେବାକୁ ଚାହୁଁନାହାନ୍ତି, ତା'ର ତଥ୍ୟ ସାର୍ବଜନୀନ କରିଥିଲେ । ଏହାପରେ ଆଇନ୍ ମନ୍ତ୍ରୀ ଏପରି ବୟାନ ରଖିଛନ୍ତି ।

## ଜିଓ ଟ୍ରୁ ୫ଜି ସେବା ସମ୍ପ୍ରତି ଓଡ଼ିଶାର ୧୦ଟି ସହରରେ ଉପଲବ୍ଧ

ମୁମ୍ବଇ/ଭୁବନେଶ୍ୱର,୨୪/୦୧ (ନି.ପ୍ର): ରିଲାଏନ୍ସ ଜିଓ ଆଜି ଦେଶର ୫୦ଟି ସହରରେ ଏପର୍ଯ୍ୟନ୍ତର ଏହାର ସର୍ବବୃହତ୍ ଟ୍ରୁ ୫ଜି ସେବା ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି । ଏହାକୁ ମିଶାଇ ଦେଶର ୧୮୪ ସହରରେ ଜିଓ ବ୍ୟବହାରକାରୀ ସମ୍ପ୍ରତି ଜିଓ ଟ୍ରୁ ୫ଜି ସେବା ଉପଭୋଗ କରୁଛନ୍ତି । ଏଥିମଧ୍ୟରୁ ଅଧିକାଂଶ ସହରରେ ରିଲାଏନ୍ସ ଜିଓ ପ୍ରଥମ ଏବଂ ଏକମାତ୍ର ଅପରେଟର ଭାବରେ ୫ଜି ସେବା ପ୍ରଚଳନ କରିଛି । ଏହି ସହରଗୁଡିକରେ ଥିବା ଜିଓ ବ୍ୟବହାରକାରୀମାନଙ୍କୁ ବିନା କୌଣସି ଅତିରିକ୍ତ ଦେୟରେ ୧ ଜିବିପିଏସ୍+ ସ୍ପିଡ୍ ପର୍ଯ୍ୟନ୍ତ ଅସୀମିତ ଡାଟା ବ୍ୟବହାର କରିବା ଅନୁଭୂତି ହାସଲ ନିମନ୍ତେ ଜିଓ ୱେଲ୍କମ ଅଫର୍କୁନ ଆମନ୍ତ୍ରଣ କରାଯିବ, ଯାହା ଆଜିଠାରୁ ଆରମ୍ଭ ହେଉଛି । ଓଡ଼ିଶାରେ ଜିଓ ଟ୍ରୁ ୫ଜି ଆଜି ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସଗୁଡା, ପୁରୀ ଏବଂ ସମ୍ବଲପୁର ଭଳି ଆଉ ୬ଟି ସହରରେ ଆରମ୍ଭ ହୋଇଛି । ଏଥିସହିତ ଓଡ଼ିଶାର ୧୦ଟି ପ୍ରମୁଖ ସହରରେ ସମ୍ପ୍ରତି ଜିଓ ଟ୍ରୁ ୫ଜି ସେବା ଉପଲବ୍ଧ ହେଉଛି । ପୂର୍ବରୁ ଜିଓ ଟ୍ରୁ ୫ଜି ସେବା ଭୁବନେଶ୍ୱର, କଟକ, ରାଉରକେଲା ଏବଂ ବ୍ରହ୍ମପୁର ସହରରେ ପ୍ରଚଳନ କରାଯାଇସାରିଛି । ଏହି ଅବସରରେ ପ୍ରକାଶ କରି ଜିଓ ମୁଖପାତ୍ର କହିଛନ୍ତି, "ଦେଶର ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଆଉ ୫୦ଟି ସହରରେ ଜିଓ ଟ୍ରୁ ୫ଜି ସେବା ପ୍ରଚଳନ କରିବା ନେଇ ▶▶ପୃଷ୍ଠା ୭

## ନୀତୀଶଙ୍କ ଜେଡିୟୁରେ ଫାଟ, ଦଳ ଛାଡିବେ ଉପେନ୍ଦ୍ର କୁଶୱା !



ନୂଆଦିଲ୍ଲୀ,୨୪/୦୧ : ଉପେନ୍ଦ୍ର କୁଶୱା । ବିହାର ଜେଡିୟୁର ସଂସଦୀୟ ବୋର୍ଡର ଅଧକ୍ଷ । ତଥା ବିହାରରେ କୁର୍ମୀ ସମାଜର ଜଣେ ବଡ ଚେହେରା । ଏବେ ଦଳ ଛାଡିବା ଏକ ପ୍ରକାର ଥୟ ବୋଲି କୁହାଯାଉଛି । କୁଶୱାଙ୍କ ସହ ଚାଲିଥିବା ବିବାଦକୁ ନେଇ ନୀତୀଶ କୁମାର ଯେଉଁ ବୟାନ ଦେଇଛନ୍ତି ସେଥିରୁ ଏପରି ଏକ ଅନୁମାନ କରାଯାଉଛି । ନିକଟରେ କୁଶୱା ଅସୁସ୍ଥ ହୋଇ ଦିଲ୍ଲୀ ଏମ୍ସରେ ଭର୍ତି ହୋଇଥିଲେ । ସେଠାରେ ବିହାରର ବିଜେପି ନେତା ତାଙ୍କୁ ଭେଟିଥିଲେ । ଏହାପରେ କୁଶୱା ଦଳ ଛାଡିବାକୁ ଯୋଜନା କରିଥିବା ଚର୍ଚ୍ଚା ହେଉଛି । ଆଉ ଏହି ଚର୍ଚ୍ଚା ଭିତରେ ନୀତୀଶ କହିଥିଲେ କୁଶୱା ଜେଡିୟୁରୁ ଅନେକ ଥର ଯାଇ ପୁଣି ଫେରିଛନ୍ତି । କିନ୍ତୁ ହସ୍ପିଟାଲରୁ ବାହାରି କୁଶୱା କହିଥିଲେ ବିହାର ଜେଡିୟୁର ଅନେକ ବଡ ନେତା ବିଜେପି ସହିତ ଯୋଗାଯୋଗରେ ଅଛନ୍ତି । ଏହାପରେ ଜେଡିୟୁରେ କିଛି ଠିକ ଠାକ ନଥିବା କୁହାଯାଉଛି । କୁହାଯାଉଛି କୁଶୱା ଏବେ ଅଭିମନ୍ୟୁ ଭଳି ଶହୀଦ ହୋଇ ନୀତୀଶ କୁମାରଙ୍କୁ ରାଜନୈତିକ ମଂଚରେ କଡା ଜବାବ ଦେବାକୁ ଚାହୁଁଛନ୍ତି । କାରଣ ଏବେ କୁଶୱା ପ୍ରଶ୍ନ କରୁଛନ୍ତି ଆରଜେଡି ସହ ସରକାର ଗଢିବା ବେଳେ ଜେଡିୟୁ କଣ ଡିଲ୍ କରିଥିଲା ତାହା ନୀତୀଶ ସାର୍ବଜନୀନ କରନ୍ତୁ । ଆଉ ଇଏ ହେଉଛି ସେହି ଡିଲ୍ ଯେଉଁ ସର୍ତ୍ତ ପାଇଁ ଆରଜେଡି ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ନୀତୀଶଙ୍କ ସହ ଡିଲ୍ କରିଛି ବୋଲି କୁହାଯାଉଛି । ତେଣୁ ଏବେ କୁଶୱା ଏପରି କହି ନୀତୀଶଙ୍କୁ ନିଜ ଚକ୍ରବ୍ୟୁହରେ ▶▶ପୃଷ୍ଠା ୭

## ବିଜେପି ସାଂସଦଙ୍କ ସାଂଘାତିକ ଅଭିଯୋଗ : ଖଣି ଦୁର୍ନୀତିକୁ ମାନିଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୨୪/୦୧ (ନି.ପ୍ର): ରାଜ୍ୟର ଖଣି ଦୁର୍ନୀତିକୁ ନେଇ ପୁଣି ଥରେ ରାଜ୍ୟ ସରକାରଙ୍କୁ ଘେରାଉ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ । ପ୍ରେସମିଟରେ କହିଛନ୍ତି ଖଣି ଦୁର୍ନୀତିକୁ ମାନିଛନ୍ତି ରାଜ୍ୟ ସରକାର । କେନ୍ଦ୍ର ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଲେଖିଥିବା ଚିଠିକୁ ଦେଖାଇ ଏହି ଅଭିଯୋଗ ଆଣିଛନ୍ତି ଅପରାଜିତା । ଏ ହେଉଛି ସେହି ଚିଠି । ଯେଉଁଥିରେ ସାଂସଦ ଓଡିଶାର ଖଣି ଦୁର୍ନୀତିକୁ ନେଇ ସଂସଦରେ ଉଠାଇଥିବା ପ୍ରଶ୍ନର ଉତର ଦିଆଯାଇଛି । ରାଜ୍ୟ ସରକାରଙ୍କ ତଥ୍ୟ ଆଧାରରେ ଚିଠିରେ ସଂସଦୀୟ ବ୍ୟାପର ମନ୍ତ୍ରୀ ଉତର ଦେଇଥିବା କହି ନବୀନ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଭୁବନେଶ୍ୱର ସାଂସଦ । ଚିଠିକୁ ଦେଖାଇ ଅପରାଜିତା କହିଛନ୍ତି- ୨୦୨୧-୨୨ ଖଣି ନିଲାମରେ ଉଚ୍ଚମାନର ଲୁହା ପଥରକୁ ନିମ୍ନମାନର ଦର୍ଶା ଯାଇଛି । ଫଳରେ ରାଜ୍ୟ ରାଜକୋଷ ହଜାର ହଜାର କୋଟିର କ୍ଷତି ସହିଛି ଏ । ଡିଷ୍ଟ୍ରିକ ମିନେରାଲ ଫଣ୍ଡବା ଡିଏମଏଫକୁ ଯେତିକି ଟଙ୍କା ଆସିବା କଥା ଆସୁ ନାହିଁ । ▶▶ପୃଷ୍ଠା ୭

## କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ସ୍ୱଦେଶୀ ମୋବାଇଲ ଅପରେଟିଂ ସିଷ୍ଟମର ସଫଳ ପରୀକ୍ଷଣ



ନୂଆଦିଲ୍ଲୀ/ଭୁବନେଶ୍ୱର,୨୪/୦୧ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଆଇଆଇଟି ମାଡ୍ରାସ ଦ୍ୱାରା ବିକଶିତ ସ୍ୱଦେଶୀ ମୋବାଇଲ ଅପରେଟିଂ ସିଷ୍ଟମ – "ଭାରତ ଅପରେଟିଂ ସିଷ୍ଟମ" ର ପରୀକ୍ଷଣ ସଫଳ ହୋଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ଆଇଆଇଟି ମାଡ୍ରାସର ସଫଳ ପ୍ରଚେଷ୍ଟାକୁ ପ୍ରଶଂସା କରିବା ସହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଦେଶରେ ସଶକ୍ତ, ସ୍ୱଦେଶୀ ଏବଂ ଆତ୍ମନିର୍ଭର ଭାରତର ଡିଜିଟାଲ ଭିତ୍ତିଭୂମିକୁ ପୂରଣ କରିବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ଏକ ସୁଦୃଢ଼, ସ୍ୱଦେଶୀ, ନିର୍ଭରଯୋଗ୍ୟ ଏବଂ ଆତ୍ମନିର୍ଭର ଡିଜିଟାଲ ଭିତ୍ତିଭୂମିର ଲାଭାର୍ଥୀ ଦେଶର ସାଧାରଣ ନାଗରିକମାନେ ପାଇବେ । ସରକାରଙ୍କ ପଦକ୍ଷେପ ସହ ନୀତି ନିର୍ଦ୍ଧାରକଙ୍କୁ ପ୍ରୋତ୍ସାହନ ଦେବା, ପ୍ରଧାନମନ୍ତ୍ରୀ ମୋଦିଙ୍କ ଭିଜନରେ ଏହା ଏକ ପରୀକ୍ଷାମୂଳକ ପଦକ୍ଷେପ । ଡାଟା ପ୍ରାଇଭେସି ଦିଗରେ ଭାରତ ଅପରେଟିଂ ସିଷ୍ଟମ ଏକ ସଫଳ ଶୁଭାରମ୍ଭ । ପ୍ରଧାନମନ୍ତ୍ରୀଙ୍କ ନୀତି ଓ ଦୂରଦୃଷ୍ଟି ଆଧାରରେ ଆଇଆଇଟି ମାଡ୍ରାସ ଦ୍ୱାରା ବିକଶିତ ଭାରତ ଅପରେଟିଂ ସିଷ୍ଟମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ । ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ବିବିସିର ବିବାଦୀୟ ଡକ୍ୟୁମେଣ୍ଟାରୀ ହାଇଦ୍ରାବାଦରେ ସ୍କ୍ରିନିଂ

ନୂଆଦିଲ୍ଲୀ, ୨୪/୦୧ : ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଗୁଜରାଟ ଦଙ୍ଗାକୁ ନେଇ ବିବିସିର ଡକ୍ୟୁମେଂଟାରୀ ବିବାଦ ଜାରି ରହିଛି । ଶାନ୍ତି ଭଙ୍ଗ ହୋଇପାରେ ଆଶଙ୍କା କରି କେନ୍ଦ୍ର ସରକାର ଏହାକୁ ନେଇ କଡା ପ୍ରତିବନ୍ଧକ ଲଗାଇଛନ୍ତି । ହେଲେ କେରଳ ଏବଂ ହାଇଦ୍ରାବାଦରେ ଡକ୍ୟୁମେଂଟାରୀର ସ୍କ୍ରିନିଂ ହୋଇଛି । ଯାହାକୁ ନେଇ ବିବାଦ ଦେଖାଦେଇଛି । ଅନ୍ୟପଟେ ଏହି ବିବାଦ ଭିତରେ ଆମେରିକା ଏଣ୍ଟ୍ରି ମାରିଛି । ଇଣ୍ଡିଆ : ଦ ମୋଦୀ କୋଶ୍ଚିନ । ଗୁଜରାଟ ଦଙ୍ଗା ଏବଂ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନେଇ ବିବିସି ଦ୍ୱାରା ତିଆରି ହୋଇଥିବା ଏହି ଡକ୍ୟୁମେଣ୍ଟାରୀକୁ ନେଇ ତେଜୁଛି ବିବାଦ । କେନ୍ଦ୍ର ସରକାର ଏହା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ଏହାରି ଭିତରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟରେ ଡକ୍ୟୁମେଂଟାରୀ ସ୍କ୍ରିନିଂ ହୋଇଛି । ଏବଂ କେରଳରେ ସ୍କ୍ରିନିଂ ପାଇଁ ଅପିଲ୍ ହୋଇଛି । କେରଳର ଶାସକ ଦଳ ସିପିଆଇଏମର ଛାତ୍ର ସଂଗଠନ ଡେମୋକ୍ରାଟିକ ୟୁଥ ଫେଡରେଶନ ଅଫ୍ ଇଣ୍ଡିଆ ଏହି ବିବାଦୀୟ ଫିଲ୍ମକୁ ରାଜ୍ୟରେ ପ୍ରଦର୍ଶିତ କରିବାକୁ ନିଜ ଫେସବୁକ ପେଜରେ ଅପିଲ୍ କରିଛି । ସେହିପରି ଦୁଇ ଦିନ ତଳେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟରେ ବିବାଦୀୟ ଡକ୍ୟୁମେଂଟାରୀର ସ୍କ୍ରିନିଂ ହୋଇଛି । ଏହାକୁ ନେଇ ଏବିଭିପି ଥାନାରେ ଏତଲା ଦେଇଛି । ଅନ୍ୟପଟେ ବିଶ୍ୱବିଦ୍ୟାଳୟ କହିଛି କେନ୍ଦ୍ର ପ୍ରତିବନ୍ଧକ ଲଗାଇବାର ଗୋଟିଏ ଦିନ ପୂର୍ବରୁ ଫିଲ୍ମଟି ପ୍ରଦର୍ଶିତ ହୋଇଛି । ସେହିପରି ଜେଏନୟୁରେ ଏହି ବିବାଦୀୟ ଡକ୍ୟୁମେଂଟାରୀ ସ୍କ୍ରିନିଂ ହେବାର ଘୋଷଣା ପରେ କେନ୍ଦ୍ର ସରକାର ପ୍ରତିବନ୍ଧକ ଲଗାଇଛନ୍ତି । ବିବିସିର ଡକ୍ୟୁମେଂଟାରୀ ▶▶ପୃଷ୍ଠା ୭




## ଚମ୍ପୁଆ ଶିଶୁମନ୍ଦିରରେ ନେତାଜୀ ଜୟନ୍ତୀ ଓ ପୂର୍ବଛାତ୍ର ସମ୍ମିଳନୀ

ଚମ୍ପୁଆ, ୨୪/୦୧ (ନି.ପ୍ର): ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ ଅବସରରେ ପୂର୍ବ ଛାତ୍ରଛାତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ମହିଳା ମହାବିଦ୍ୟାଳୟର ଅଧକ୍ଷ ଭକ୍ତବନ୍ଧୁ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନେ ଭବିଷ୍ୟତର ନାଗରିକ, ଏକ ସମୃଦ୍ଧ ଭାରତ ଗଠନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡିଶା, ଉତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର ଯୋଗଦେଇ ଦୁଇ ଓଡ଼ିଆ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ପୂର୍ବ ଛାତ୍ରଛାତ୍ରୀ ସମ୍ମିଳନୀର ଆଭିମୁଖ୍ୟ କଥନ କରିଥିଲେ । ସଭାପତି ରମାକାନ୍ତ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ଛାତ୍ରଛାତ୍ରୀ ପରସ୍ପର ଜଡ଼ିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଉପସଭାପତି ସଦାନନ୍ଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ଯୁଗ୍ମ ସମ୍ପାଦକ ଅଜିତ କୁମାର ରାମ, ସଦସ୍ୟା ପ୍ରଭାସିନୀ ନାଏକ ଆଦି ମଂଚାସୀନ ଥିଲେ । ସହପ୍ରଧାନ ଆଚାର୍ଯ୍ୟ ବ୍ରଜ କିଶୋର ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସରକାରୀ ବୃତି, ପଠାଣି ସାମନ୍ତ ମେଧା ବୃତି, ଏନ୍.ଆର୍.ଟି.ଏସ୍, ଆଦି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଥିରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ସହଯୋଗ କରିଥିଲେ ।

# ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ଘଟଣା: ଏବେବି ରହସ୍ୟଘେରରେ

ରାଉରକେଲା, ୨୪/୦୧ (ନି.ପ୍ର): ରାଉରକେଲା ସହରରେ ଉଦିତନଗର ଥାନା ଅଂଚଳର ଏକ ବସ୍ତିରେ ଦିବାକର ପରିହାରୀ ନାମକ ବ୍ୟକ୍ତିଙ୍କର ଝୁଲନ୍ତା ଶରୀର ମିଳିବା ନେଇ ଥାନାରେ ଏକ ଅପମୃତ୍ୟୁ ହୋଇଥିବା ବେଳେ ଏଭଳି ଦିନ ସମୟରେ ଘରେ କେହିନଥିବା ବେଳେ ତାଙ୍କର ଝୁଲନ୍ତା ମୃତ ଶରୀର ମିଳିବା ନେଇ ଏବେ ନାନା ପ୍ରଶ୍ନ ସୃଷ୍ଟି ହୋଇଛି ।

ଖବରରୁ ଜଣାପଡିଛି, ସ୍ୱର୍ଗତ ଦିବାକର ଉଦିତନଗର ସେଲଟାକ୍ସ କଲୋନୀ ପାଖରେ ଖାଲିଥିବା ଯାଗାରେ ଏକ ଘର କରି ରହୁଥିଲେ । ପ୍ରଥମ ପତ୍ନୀଙ୍କ ପରେ ସେ ଦ୍ୱିତୀୟ ବିବାହ କରି ନିଜର ୨୧ ବର୍ଷିୟ ଝିଅ ଓ ୧୮ବର୍ଷିୟ ପୁଅ ପତ୍ନୀଙ୍କ ସହ ରହୁଥିଲେ । ସେ ଆରଏସପିରେ ଏକ ଘରୋଇ କଂପାନୀରେ କାମ କରି ପରିବାର ଚଳାଉଥିଲେ, ତାଙ୍କୁ ପିଲା ମାନେ ମଧ ସହଯୋଗ କରୁଥିଲେ । ତେବେ ଏତେ ସୁନ୍ଦର ଭାବେ ଚାଲିଥିବା ପରିବାର ଭିତରେ ପରିବାରର ମୁଖ୍ୟଙ୍କ ଶବ ଝୁଲନ୍ତା ଅବସ୍ଥାରେ ମିଳିବା ଓ ଶରୀରରୁ ଆଖି ଚାଲିଜିବା ନେଇ ନାନା କଥା ଆଲୋଚନା ଚାଲିଛି । ତେବେ ମୃତ୍ୟୁ ପଛରେ କାରଣ ନେଇ ତାଙ୍କ ପରିବାର ଲୋକ କିଛି କହିନଥିବା ବେଳେ ଦିବାକର ମାନସିକ ଅଶାନ୍ତି ଭିତରେ ରହୁଥିଲେ ଓ ସେଥିଲାଗି ସେ ପ୍ରାୟ ନିଶାସକ୍ତ ରହୁଥିଲେ, କିନ୍ତୁ, କାହାକୁ ବ୍ୟବହାର ଖରାପ କରୁନଥିଲେ, ଅନେକ ସମୟରେ ଗୁଡାଏ ଦିନ ଘରକୁ ମଧ ଆସୁନଥିଲେ ବୋଲି କୁହାଯାଉଛି । ସେପଟେ ତାଙ୍କ ଆଖି ଖୋଲାଜିବା ପଛରେ ସେ ଆଖିଦାନ କରିଥିବା କୁହାଯାଉଛି ହେଲେ ସେ କାହାକୁ କେବେ ଆଖି ଦାନ କରିବାକୁ କହିଥିଲେ ତାହା ତଦନ୍ତ ପରିସରକୁ ଆସିବା ଉଚିତ ବୋଲି ଅଂଚଳ ବାସିନ୍ଦା ଦାବି କରୁଛନ୍ତି । ନିକଟରେ ଏକ ଦୋକାନକୁ କୁଆଡେ ସେ ବିକି ଥିବା ବେଳେ କିଛି ଆର୍ଥିକ ସମସ୍ୟାରେ ସେ ଥିଲେ ବୋଲି ଆଲୋଚନା ଚାଲିଛି । ତେବେ ଗତ ଶନିବାର ଦିନ ହକି ଲାଗି ଆରଏମସି ପାଖରେ ଏସଏଚଜି ମାନଙ୍କୁ ନେଇ ଏକ ଭୋଜି ଚାଲିଥିବା ବେଳେ ଦିବାକରଙ୍କ ପରିବାର ସେଥିରେ ସାମିଲ ହୋଇଥିଲେ । ଦିବାକର ସେଠାକୁ ଖାଇବାକୁ ଯାଇଥିବା ବେଳେ ତାଙ୍କୁ କେହି ଦୁର୍ବ୍ୟବହାର କରିବାରୁ ସେ ସେଠାରୁ ଚାଲିଆସିଥିଲେ ବୋଲି କୁହାଯାଉଛି । ସମସ୍ତ କାର୍ଯ୍ୟକ୍ରମ ସରିବା ପରେ ତାଙ୍କ ପିଲା ମାନେ ଘରେ ଯାଇ ଦେଖନ୍ତି ତ କବାଟ ଖୋଲା ରହିଛି ଭିତରେ ଦିବାକରଙ୍କ ଶବ ଝୁଲୁଛି ଏକ ଚୁନୀରେ । ତୁରନ୍ତ ତାଙ୍କୁ ସରକାରୀ ଡାକ୍ତରଖାନାକୁ ନେବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଏହି ମୃତ୍ୟୁ ପଛର ଅସଲ କାରଣ କଣ ଏହା ଆତ୍ମ ହତ୍ୟା ନାଁ ଆଉ କିଛି ତାକୁ ନେଇ ସେହି ଅଂଚଳରେ ନାନା କଥା ଆଲୋଚନା ଚାଲିଛି ।

# ମାଲକାନଗିରି ବ୍ଲକ ବିଜୁ ଜନତା ଦଳ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ

ମାଲକାନଗିରି, ୨୪/୦୧ (ନି.ପ୍ର): ବିଶୁଦ୍ଧ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଆଗକୁ ବଢୁଛି ଓଡ଼ିଶା । ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମାଲକାନଗିରି ଜିଲ୍ଲା ପାଇଁ ୪ଟି ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପ ମଞ୍ଜୁର ହୋଇଛି । ମାଲକାନଗିରି ଜିଲ୍ଲାର ୪ଟି ବ୍ଲକ ମାଲକାନଗିରି, କାଲିମେଲା, ଖଇରପୁଟ ଓ ମାଥିଲି ବ୍ଲକରେ ୬୧ଟି ଗ୍ରାମ ପଂଚାୟତ ବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ୬୩୯ କୋଟି ୨୭ ଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମାଲକାନଗିରି ସଦର ବ୍ଲକ ବିଜୁ ଜନତା ଦଳ ତରଫରୁ ଆଜି ମାଲକାନଗିରି ବ୍ଲକ ସମ୍ମିଳନୀ କକ୍ଷରେ ଏକ ସଭା କରାଯାଇ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଛନ୍ତି ।

ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ସଦର ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମୀ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ବି.କାମେଶ୍ୱର ରାଓ, ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ପଣ୍ଡା, ବିଜେଡି ନେତା ତଥା ମାଲକାନଗିରି ସଦର ବ୍ଲକ ସରପଂଚ ସଂଘ ସଭାପତି ଘାସି ନାୟକ, ବିଜେଡି ନେତା ଅଖିଳ ମଣ୍ଡଳ, ବିଜେଡି ଯୁବ ନେତା କଂଟେସ ପୋଟଲା, ବିଜେଡି ନେତା ଗାନ୍ଧି ପଣ୍ଡା ଓ ଯୁବନେତା ସଦାନନ୍ଦ ଖରା ପ୍ରମୁଖ ଉପସ୍ଥିତ ଥିଲେ । ମାଲକାନଗିରି ଜିଲ୍ଲାର ଅନେକ ଆଭ୍ୟନ୍ତରିଣ ଅଂଚଳ ଗୁଡିକରେ ପାନୀୟ ଜଳ ସମସ୍ୟା ଯୋଗୁଁ ଝରଣା ଏବଂ ପୋଖରୀ ପାଣି ବ୍ୟବହାର କରି ଶହ ଶହ ଲୋକ ମୃତ୍ୟୁବରଣ କରିଥିବାର ନଜିର ରହିଛି । ତେବେ ମାଲକାନଗିରି ଜିଲ୍ଲାରେ ରାଜ୍ୟ ସରକାର ବିଭିନ୍ନ ଗ୍ରାମରେ ନଳକୂପ ଦ୍ୱାରା ଜଳ ଯୋଗାଣ ପାଇଁ ପଦକ୍ଷେପ ନେଇଥିବା ବେଳେ ବର୍ତମାନ ଜିଲ୍ଲାର ୬୧ଟି ପଂଚାୟତକୁ ପାନୀୟ ଜଳ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦକ୍ଷେପ ନେଇଛନ୍ତି । ଏହାଦ୍ୱାରା ଜିଲ୍ଲାର ୪୫୩ ଗୋଟି ଗ୍ରାମବାସୀଙ୍କ ସହ ୩,୧୩,୬୨୦ ଜଣ ଜନସାଧାରଣ ସୁଦ୍ଧ ପାନୀୟ ଜଳ ପାଇପାରିବେ ।

# ମହାନ ଲୋକନାଟ୍ୟ ଦଣ୍ଡ ସମାଜର ଜିଲ୍ଲା ଜାଗରଣ ମଂଚ ପକ୍ଷରୁ ଚିନ୍ତନ ବୈଠକ ଅନୁଷ୍ଠିତ

କନ୍ଧମାଳ , ୨୪/୦୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଜାଗରଣ ମଂଚ ପକ୍ଷରୁ ଶନିବାର ଫୁଲବାଣୀ ସଦର ମହକୁମା ହାଟପଦା ସ୍ଥାନୀୟ ମା ନାରାୟଣୀ ଯାତ୍ରା ପଡ଼ିଆ ସ୍ଥିତ ସମ୍ମିଳନୀ କକ୍ଷରେ ଜାଗରଣ ମଂଚ ଆବାହକ ପରେଶ ମହାପାତ୍ରଙ୍କର ନେତୃତ୍ୱ ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନବୀନ କିଶୋର ପଣ୍ଡା ଅଧକ୍ଷତା କରିଥିଲେ । ଆୟୋଜିତ ବୈଠକରେ ଜାଗରଣ ମଂଚର ନୂତନ କର୍ମକର୍ତା ଚୟନ କରାଯାଇଥିବା ବେଳେ ଆସନ୍ତା ଫେବୃଆରୀ ୨୧,୨୨ ଦୁଇ ଦିନ ଧରି କନ୍ଧମାଳ, ବୌଦ୍ଧ ଓ ଦଶପଲ୍ଲା ଅଂଚଳ ଦଣ୍ଡ ସମାଜର ସମସ୍ତ କର୍ମକର୍ତା ଙ୍କର ସହଯୋଗ ରେ ଚତୁର୍ଥ ଚିନ୍ତନ ବୈଠକ ଫୁଲବାଣୀ ଠାରେ ଅନୁଷ୍ଠିତ ହେବା ନିମନ୍ତେ ଆଜିର ବୈଠକରେ ନିଷ୍ପତି ହୋଇଥିଲା । ଆଗାମୀ ଦିନରେ ହେବାକୁ ଥିବା ଚିନ୍ତନ ବୈଠକରେ ସମସ୍ତ ଅଂଚଳରେ ଶିକ୍ଷା ର ଉନ୍ନତି ଓ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବା । ଗୋମାତାଙ୍କ ଦ୍ୱାରା ଜୈବିକ କୃଷିର ଉନ୍ନତି, ଗୋମାତାଙ୍କର ଆଧାତ୍ମିକ ଦିଗ ପ୍ରତି ଆଲୋକପାତ କରିବା,ଗୋମାତା ପ୍ରତି ଶ୍ରଦ୍ଧା ସମ୍ମାନକୁ ପୁନଃରୁଦ୍ଧାର କରିବା । ସଂସ୍କୃତି ପରମ୍ପରା ବିଜ୍ଞାନ ସମ୍ମତ କାରଣ ଗୁଡ଼ିକ ଜାଣିବା ନିମନ୍ତେ ଆଗ୍ରହ ସୃଷ୍ଟି କରିବା । ସମାଜରେ ପ୍ରଚଳିତକୁ ସଂସ୍କାର ଅନ୍ଧ ବିଶ୍ୱାସକୁ ଦୂର କରାଯିବା । ପରିବେଶ ସୁରକ୍ଷା ପ୍ରତି ଚିନ୍ତା କରାଯିବା । ଏହା ସହିତ ଦଣ୍ଡୁଆମାନଙ୍କୁ କଳାକାର ଭତା ପ୍ରଦାନ କରିବା, କାମନା ଘରର ଉନ୍ନତି ପାଇଁ ସରକାରୀ ସାହାର୍ଯ୍ୟ ପାଇଁ ଦାବୀ କରିବା, ଦଣ୍ଡ ସମୟରେ ଦଣ୍ଡୁଆ ମାନଙ୍କର ଦୁର୍ଘଟଣା ଜନିତ ମୃତ୍ୟୁ ହେଲେ ଆର୍ଥିକ ସହାୟତା ୫ ଲକ୍ଷ ଟଙ୍କା ଦାବିକରିବା ପାଇଁ ନିଷ୍ପତି ହୋଇଥିଲା । ଫୁଲବାଣୀ ସହର ଦେଇ ଯାଇଥିବା ରାଜପଥ ନିମନ୍ତେ ଫୁଲବାଣୀ କେନ୍ଦ୍ରୀୟ ବିଦ୍ୟାଳୟ ପଛ ପଟ ଠାରୁ କଲାଡି କୁ ପର୍ଯ୍ୟନ୍ତ ଏକ ବାଇପାସ ରାସ୍ତା ନିର୍ମାଣ କରିବା ପାଇଁ ଜାଗରଣ ମଂଚ ବହୁଦିନରୁ ଦାବିକରି ଆସୁଛି । ହେଲେ ପ୍ରଶାସନ କର୍ଣ୍ଣ ପାତ କରୁ ନାହାନ୍ତି । ସେହି ଦିନ ସେହି ଦାବି କୁ ଦହରାଇ ଜିଲ୍ଲାପାଳ ଭେଟି ଦାବିପତ୍ର ପ୍ରଦାନ କରିବା ସହ ସମସ୍ତ ଦାବୀ ପୂରଣ ନିମନ୍ତେ ଆନ୍ଦୋଳନ କରାଯିବା ନିମନ୍ତେ ନିଷ୍ପତି ହୋଇଥିଲା । ଉକ୍ତ ବୈଠକରେ ଜାଗରଣ ମଂଚର ନୂତନ କର୍ମକର୍ତା ଚୟନ ହୋଇଥିବା ରୁ ସର୍ବସମ୍ମତି କ୍ରମେ ସଭାପତି ଭାବେ ଶେଷଦ୍ୱେ ଜାନୀ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ବିକାଶ ମହାନ୍ତି,ବ୍ରଜ କିଶୋର ପଟ୍ଟନାୟକ, ନବୀନ କୁମାର ସାହୁ,ବଂଶୀଧର ପଣ୍ଡା, ମହୋନ ପ୍ରଧାନ, ସମ୍ପାଦକ ଭାବେ ଭି ସୁବ୍ରମନ୍ୟୁମ ଦାସ, ଆଂଚଳିକ ସମ୍ପାଦକ ଭାବେ କିଶୋର ଚନ୍ଦ୍ର କହଁର, ନିରଞ୍ଜନ ମହାନ୍ତି, ଶ୍ରୀଧର ପୃଷ୍ଟି, ଅଶୋକ ପାଳ, ନୃସିଂହ କାର୍ଜି ମନୋନୀତ ହୋଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ସୁବାସ ବିସି ମାଝୀ, ରବି ଚନ୍ଦ୍ର ଲହରିଆ,କୋଷାଧକ୍ଷ ଭାବେ ସନ୍ତୋଷ ପଣ୍ଡା ,ସଙ୍ଗଠନ ସମ୍ପାଦକ ଭାବେ ନିରଞ୍ଜନ ସାହୁ,ସରୋଜ ପଟ୍ଟନାୟକ,ବିପିନି ଚନ୍ଦ୍ର ପାତ୍ର, ହିସାବ ରକ୍ଷକ ଭାବେ ରାଜ କିଶୋର ପାଢ଼ୀ ମନୋନୀତ ହୋଇଥିବାବେଳେ ଉପଦେଷ୍ଟା ମଣ୍ଡଳୀ ଭାବେ ନବୀନ କିଶୋର ପଣ୍ଡା, ନାରାୟଣ ସାହୁ,ରମେଶ ଚନ୍ଦ୍ର ମହାନ୍ତି, ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ଉକ୍ତ ବୈଠକରେ ସଂସ୍କୃତି ଓ ପରମ୍ପରା ର ରକ୍ଷା ନିମନ୍ତେ ଦଣ୍ଡନାଚ ଭଳି ଏକ ମହାନ କାର୍ଯ୍ୟକ୍ରମ କରୁଥିବା କନ୍ଧମାଳ,ଦଶପଲ୍ଲା, ବୌଦ୍ଧ ଅଂଚଳ ଦଣ୍ଡ ସମାଜ ର କର୍ମକର୍ତାମାନେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

## ବଲାଙ୍ଗୀରରେ ଏନ୍ୟୁଜେର ୫୧ ତମ ପ୍ରତିଷ୍ଠା ଦିବସ ପାଳନ

ବଲାଙ୍ଗୀର, ୨୪/୦୧ (ନି.ପ୍ର): ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଏନ୍ୟୁଜେ(ଆଇ)ର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଜାତୀୟ ସାମ୍ବାଦିକ ୟୁନିଅନ (ଏନ୍ୟୁଜେ(ଆଇ))ର ଏକମାତ୍ର ସ୍ୱୀକୃତି ପ୍ରାପ୍ତ ରାଜ୍ୟସ୍ତରୀୟ ସଙ୍ଗଠନ ହେଉଛି ଏସ୍ୟୁଜେ(ଓ) । ରାଜ୍ୟ ସାମ୍ବାଦିକ ସଂଘ, ବଲାଙ୍ଗୀର ଶାଖାର ସଭାପତି ଗୋପବନ୍ଧୁ ଶତପଥୀଙ୍କ ସଭାପତିତ୍ୱରେ ଏନ୍ୟୁଜେର ୫୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏନ୍ୟୁଜେର ଜନ୍ମ ବିଷୟରେ ସମ୍ୟକ୍ ଧାରଣା ଦେଇଥିଲେ । ଏସ୍ୟୁଜେ ରାଜ୍ୟ ସଭାପତି କୈଳାସ ନାୟକ, ସାଧାରଣ ସମ୍ପାଦକ ପ୍ରଶାନ୍ତ ପାଢ଼ୀ ଏବଂ ରାଜ୍ୟ ଉପ ସଭାପତି କୀର୍ତି ଚନ୍ଦ୍ର ସାହୁ ୫୧ ତମ ପ୍ରତିଷ୍ଠା ଦିବସରେ ଅଡିଓ ବାର୍ତା ମାଧମରେ ଶୁଭେଚ୍ଛା ବାର୍ତା ଜଣାଇଥିଲେ । ସଂଘର ସମ୍ପାଦକ ରଘୁ ନନ୍ଦନ ସିଂ ଅତିଥି ପରିଚୟ ପ୍ରଦାନ ସହ ସଭା ସଂଯୋଜନା କରିଥିଲେ । ସାଧାରଣ ସମ୍ପାଦକ ଶରତ କୁମାର ମହାକୁର ସାମ୍ବାଦିକତା କ୍ଷେତ୍ରରେ ସାମ୍ବାଦିକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ଅବଗତ କରିଥିଲେ । ଏସ୍ୟୁଜେର ରାଜ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଦର୍ଜୀ ସାମ୍ବାଦିକମାନଙ୍କ ସୁରକ୍ଷା ଉପରେ ଆଲୋଚନା କରିଥିଲେ । ପ୍ରତିଷ୍ଠା ଦିବସ ପାଳନ ଅବସରରେ ମହେନ୍ଦ୍ର ପଧାନ, ବିନୋଦ ଦୀପ, ପବନ ବଂଶଲ୍, ଜୟ ପ୍ରକାଶ ମଟାରୀ, ଦିଲୀପ ସାହୁ, ନିରୋଜ୍ ମିଶ୍ର ଯୋଗଦେଇ ନିଜସ୍ୱ ମତାମତ ଦେଇଥିଲେ । ଶେଷରେ ସନ୍ତୋଷ କୁମାର ଠାକୁର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।

## କୁକୁଡ଼ା ଚାଷକୁ ନେଇ ତାଲିମ ଶିବିର ଅନୁଷ୍ଠିତ

ନୂଆପଡ଼ା, ୨୪/୦୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ କୋଟ ଗାଁ(ପାତାଳ ଗଙ୍ଗା) ଠାରେ କୁକୁଡ଼ା ଚାଷକୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆରସିଡିସି ଭୁବନେଶ୍ୱର ତରଫରୁ ଆୟୋଜିତ ଏହି ଶିବିରରେ କୋଟ ଗାଁ ଓ ଧୋବେଇ ଗ୍ରାମର ତିରିଶି ଜଣ ଯୁବକ ଯୁବତୀ ତାମିଲ ନେଇଥିଲେ । ଉକ୍ତ ଦୁଇ ଗାଁର ଅନେକ ପରିବାର ପ୍ରତିବର୍ଷ ଦାଦନ ଖଟିବାକୁ ବାହାରକୁ ଯାଉଥିବାରୁ ସେମାନେ ଭିଟାମାଟିରେ ରହି କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ଓ ପରିବାର ପ୍ରତିପୋଷଣ କରିପାରିବେ ସେନେଇ ଲୋକଙ୍କୁ ସଚେତନ କରାଯିବା ସହ କୁକୁଡ଼ା ଚାଷ ପାଇଁ ସହାୟତା କରାଯିବ ବୋଲି ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ରଥୁରାମ ବାଗ ପ୍ରକାଶ କରିଥିଲେ । ତାଲିମ ନେଇଥିବା ପ୍ରତି ପରିବାରକୁ ମାଗଣାରେ କୁକୁଡ଼ା ଚିଆଁ ଓ ଖାଦ୍ୟ ଯୋଗାଇ ଦିଆଯିବ । ଏହି ଚିଆଁ ସବୁ ଉନ୍ନତ ମାନର ସୋନାଲିକା ଚିଆଁ ଓ ଏହାର ମାଂସର ବହୁଳ ଚାହିଦା ଥିବାରୁ ଚାଷୀମାନେ ଲାଭାନ୍ୱିତ ହୋଇପାରିବେ ବୋଲି ଅନୁଷ୍ଠାନର କାର୍ଯ୍ୟକ୍ରମ ସହାୟକ ଦୀନବନ୍ଧୁ ଛତ୍ରିଆ ମତବ୍ୟକ୍ତ କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ଚାଇଲ୍ଡ ଫଣ୍ଡ, ଜର୍ମାନ ସହଯୋଗ କରୁଥିବା ବେଳେ ଏହା ସେମାନଙ୍କ ଜୀବନ ଜୀବିକାରେ ସହାୟକ ହୋଇପାରିବ ଓ ସେମାନେ ଆଉ ଦାଦନ ଖଟିବାକୁ ଯିବେ ନାହିଁ ବୋଲି ଅଂଶଗ୍ରହଣକାରୀ ମାନେ କହିଛନ୍ତି ।

## ଆପେକ୍ସ ଆରବିକ ସ୍କୁଲର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୪/୦୧ (ନି.ପ୍ର): କେନ୍ଦ୍ରାପଡା ଆପେକ୍ସ ଆଙ୍ଗଲୋ ଆରବିକ ସ୍କୁଲର ୧୨ ତମ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ପିଏନଏସ୍ ଇଂଞ୍ଜିନିୟରିଂ କଲେଜର ଅଧକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ନାୟକ ମୁଖ୍ୟବକ୍ତା ଭାବେ, ଓଡିଶା ୱାକଅଫ୍ ବୋର୍ଡର ପ୍ରଶାସନିକ ଅଧିକାରୀ ସେକ ନିଜାମୁଦ୍ଦିନ, ସିଏ ସମୀର ସାମଲ, 'ପ୍ରମେୟ'ର ମୁଖ୍ୟ ବ୍ୟୁରୋ ଦେବେନ୍ଦ୍ର ସୁଆର, ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲର ଅଧକ୍ଷ ସେକ ଇନାୟତ, ୧୩ନଂ ୱାର୍ଡର କାଉନସିଲର ସେକ ଅସଲମ, ସ୍କୁଲର ସଭାପତି ସେକ ଜାକିରିଆ, ସଂପାଦକ ଅବଦୁଲ ମଲ୍ଲିକ, ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଉତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିବା ସହ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

### କାପୁଡ଼ିଆ ସମାଜର ଜିଲ୍ଲା ସମ୍ମିଳନୀ

# ଜାତିର ଉନ୍ନତି ଓ ନ୍ୟାଯ୍ୟ ଦାବି ହାସଲ ପାଇଁ ସଂଗଠନକୁ ବ୍ୟାପକ କରିବାକୁ ପରାମର୍ଶ

ଭୁବନ, ୨୪/୦୧ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ରାସୋଳ ସପ୍ତେଶ୍ୱର ମନ୍ଦିର ପରିସରରେ କାପୁଡିଆ ସମାଜ ର ଜିଲ୍ଲା ସମ୍ମିଳନୀ ଜିଲ୍ଲା ସଭାପତି ଖଗେଶ୍ୱର ନାୟକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାପୁଡିଆ ସମାଜ ରାଜ୍ୟ ସଭାପତି ଆଇନଜୀବୀ ନବ କିଶୋର ଗୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳିତ ଉଦ୍ୟମ ଫଳରେ କପଡିଆ/କାପୁଡିଆ ଦ୍ୱନ୍ଦ ଏବେ ଦୂର ହୋଇଛି । ରାଜ୍ୟ ଓବିସି କମିଶନ କପଡିଆ/କାପୁଡିଆ ଉଭୟଙ୍କୁ ସାମାଜିକ ଅର୍ଥନୈତିକ ପଛୁଆ ବର୍ଗ(ଏସଇବିସି) ପ୍ରମାଣ ପତ୍ର ପ୍ରଦାନ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ନିଶ୍ଚିତ ଭାବେ ଓବିସି ପ୍ରମାଣପତ୍ର ପ୍ରଦାନ କରାଯିବ । ଜାତିର ଉନ୍ନତି ଓ ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ଆମକୁ ଏକଜୁଟ ହେବାକୁ ପଡିବ ଓ ସଂଗଠନକୁ ବ୍ୟାପକ କରିବାକୁ ହେବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ରାଜ୍ୟ ସାଧାରଣ ସଂପାଦକ ଅଧାପକ ଦିଲ୍ଲୀପ କୁମାର ଦାସ ଯୋଗଦେଇ ଏକତା ହିଁ ବଳ ,ତେଣୁ ଆଗାମୀ ଦିନରେ ସାରା ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଲୋକଙ୍କୁ ସାମିଲ କରାଯାଇ ରାଜ୍ୟ ସମ୍ମିଳନୀ ଆୟୋଜନ କରିବାକୁ ମତ ଦେଇଥିଲେ ଏବଂ ଜାତି ଇତିହାସ ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଭୁବନ କାପୁଡିଆ ସମାଜ ସଭାପତି ରାମଚନ୍ଦ୍ର ରାଉତ , ରାସୋଳ ସଭାପତି ଭାସ୍କର ନାୟକ , ଜିଲ୍ଲା କୋଷାଧକ୍ଷ ଭାଗବତ ନାୟକ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ଉପସଭାପତି ବିପିନ ବିହାରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ହାସଲ କରିଥିବା ୨୯ ଜଣ ବ୍ୟକ୍ତିଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ରାସୋଳ କାପୁଡିଆ ସମାଜର ଅକ୍ଷୟ କୁମାର ସାହୁ , ବିନୟ ସାହୁ , ସଂଜୟ ସାହୁ, ନିତ୍ୟାନନ୍ଦ ଦାସ, ସନ୍ତୋଷ ଦାସ, ନନ୍ଦ ସାହୁ , ମିଥୁନ ଦାସ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ । ଷଡଙ୍ଗୀ, ଝାରଦା ଓ ଭୁବନ କାପୁଡିଆ ସମାଜର ୨୦ ଥାନର ସଭାପତି, ପାରିମାଣିକଙ୍କ ସମେତ ପ୍ରାୟ ୧ ହଜାର ବ୍ୟକ୍ତି ଯୋଗଦେଇଥିଲେ ।

# ଜିଲ୍ଲାସ୍ତରୀୟ ସାମୁହିକ ଔଷଧ ସେବନ ସମ୍ପର୍କିତ ବୈଠକ ଅନୁଷ୍ଠିତ

କନ୍ଧମାଳ, ୨୪/୦୧ (ନି.ପ୍ର): ସାମୁହିକ ଔଷଧ ସେବନ ଉପରେ ଅଲୋଚନା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ୍ଙ୍କ ଅଧକ୍ଷତାରେ ପ୍ରଥମ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଆଲୋଚନାରୁ ଜଣାପଡ଼ିଛି ଯେ, ମ୍ୟାଲେରିଆ ପରି ଫାଇଲେରିଆ ମଧ ଏକ ମଶାବାହିତ ରୋଗ । ଏହି ରୋଗ ଏକ କ୍ଷୁଦ୍ର ପରଜୀବୀ କୀଟାଣୁର ସଂକ୍ରମଣ ଯୋଗୁଁ ହୋଇଥାଏ । ମାଇ କ୍ୟୁଲେକ୍ସ ମଶା କାମୁଡ଼ିବା ଦ୍ୱାରାଏହି କୀଟାଣୁ ଜଣଙ୍କ ଦେହରୁ ଅନ୍ୟ ଜଣଙ୍କୁ ସଂକ୍ରମଣ ହୋଇଥାଏ । ଫାଇଲେରିଆ ହେଲେ ଗୋଡ, ହାତ ଫୁଲିଯାଏ । ବେଳେ ବେଳେ ପୁରୁଷ ଲୋକର ଅଣ୍ଡକୋଷ ଫୁଲିଯାଏ ଏବଂ ସ୍ତ୍ରୀ ଲୋକଙ୍କ ସ୍ତନ ଫୁଲି ଯନ୍ତ୍ରଣା ହୁଏ । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କନ୍ଧମାଳ ଜିଲ୍ଲାର କେତେକ ଗ୍ରାମରେ ରାତ୍ରିକାଳୀନ ରକ୍ତ ନମୁନା ସଂଗ୍ରହ କରାଯାଉଛି ଏବଂ ଜିଲ୍ଲାରେ ଫାଇଲେରିଆ ରୋଗର ସଂକ୍ରମଣ ଅଛି ବୋଲି ଜଣାପଡ଼ିଛି । ତେଣୁ ଜିଲ୍ଲାରୁ ଫାଇଲେରିଆ ନିରାକରଣ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ୧୦ ଫେବୃଆରୀ, ୨୦୨୩ ରୁ ୧୯ ଫେବୃଆରୀ,୨୦୨୩ ପର୍ଯ୍ୟନ୍ତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ । ବିଗତ ଦିନ ମାନଙ୍କରେ ଏହି ଔଷଧ ଘର ଘର ବୁଲି ବିତରଣ କରାଯାଉଥିଲା । ମାତ୍ର ଦେଖାଗଲା ପ୍ରାୟ ଲୋକ କୌଣସି ନା କୌଣସି କାରଣରୁ ଏହାକୁ ସେବନ କରୁ ନ ଥିଲେ । ଫଳରେ ସରକାରଙ୍କ ଉଦ୍ଦେଶ୍ୟ ସଫଳ ହେଉନଥିଲା । କିନ୍ତୁ ଏବେ ଔଷଧ ସେବନ କରାଇବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି । ତେଣୁ ପ୍ରତ୍ୟେକ ବ୍ୟକ୍ତି ଡି.ଇ.ସି. ବଟିକା ସହିତ ଆଲ୍ବେଣ୍ଡାଜଲ୍ ବଟିକାର ଗୋଟିଏ ମାତ୍ରା ନିଶ୍ଚୟ ଖାଇବାକୁ ଅନୁରୋଧ କରାଯାଉଛି । କେବଳ ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା, ଅତିଶୟ ରୁଗ୍ଣ ବ୍ୟକ୍ତି ବେଶେଷଙ୍କୁ ଏହି ଔଷଧ ସେବନରୁ ବାଦ୍ ଦିଆଯିବ । ଫାଇଲେରିଆ ମୁକ୍ତ କନ୍ଧମାଳ ପାଇଁ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର ଜନସାଧାରଣ, ଜିଲ୍ଲାର ପ୍ରତ୍ୟେକ ୱାର୍ଡ଼ମେମ୍ବର, ସମାଜସେବୀ, ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ଏହି ବଟିକା ସେବନ ସମ୍ପୂର୍ଣ୍ଣ ନିରାପଦ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟ ପ୍ରକାଶ କରିଛନ୍ତି । ଜିଲ୍ଲାର ସମୁଦାୟ ୪ହଜାର ୧୭ଟି ଗ୍ରାମ ଓ ୩ଟି ସହରାଞ୍ଚଳରେ ଔଷଧ ସେବନ କରାଇବା କାର୍ଯ୍ୟକ୍ରମରେ ୧୨ଗୋଟି ସି.ଏଚ୍.ସି., ୧୭୧ଗୋଟି ସବ୍ ସେଣ୍ଟର, ୩୨୦ଜଣ ସୁପର୍ଭାଇଜର୍ ଓ ୩ ହଜାର ୨୮୮ଜଣ ଡ୍ରଗ୍ ଆଡ୍ମିନିଷ୍ଟ୍ରେଟର୍ ସହଯୋଗ କରିବେ ବୋଲି ଜଣାପଡ଼ିଛି । ବଟିକା ନଖାଇଲେ ଗୋଟିଏ ସୁସ୍ଥ ଲୋକ ମଶା ମାଧମରେ ସଂକ୍ରମିତ ହେବାର ସମ୍ଭାବନା ରହିଛି ଏବଂ ଏହି ରୋଗ ମଣିଷକୁ ଲେପ୍ରୋସି ଭଳି ସମ୍ପୂର୍ଣ୍ଣ ବିକଳାଙ୍ଗ କରିଦେଇପାରେ ବୋଲି ଡା. ପ୍ରଭାକର ସାହୁ ପ୍ରକାଶ କରିଥିଲେ । ଏହାର ପାର୍ଶ୍ୱ ପ୍ରତିକ୍ରିୟା ନାହିଁ । ଭୟ ନ କରି ବଟିକା ଖାଇବା ପାଇଁ ସେ ଅନୁରୋଧ କରିଥିଲେ । ସେହିପରି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଜୋନାଲ୍ କୋଡ଼ିନେଟର୍ ଡା.ଶ୍ୟାମବନ୍ଧୁ ରଥ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର୍ ଶ୍ରୀ ମନୋରଞ୍ଜନ ସାହୁ, ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଶ୍ରୀ କୁମୁଦ ଚନ୍ଦ୍ର ସାହୁ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ । ଉକ୍ତ ବୈଠକରେ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କଲ୍ୟାଣୀ ମିଶ୍ର,ଡା.ପ୍ରସନ୍ନ କୁମାର ତ୍ରିପାଠୀଙ୍କ ସମେତ ସଂପୃକ୍ତ ବିଭାଗୀୟ ସରକାରୀ ପଦାଧିକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଅନ୍ୟାନ୍ୟ ଅନୁଷ୍ଠାନର ମୁଖ୍ୟମାନେ ଯୋଗଦେଇଥିଲେ ।

# ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଙ୍ଘର ସଦସ୍ୟ ଓ ସଦସ୍ୟାଙ୍କ ଯୋଜନା ଓ ସମନ୍ୱୟ ବୈଠକ

କନ୍ଧମାଳ, ୨୪/୦୧ (ନି.ପ୍ର): ଫୁଲବାଣୀ ସ୍ୱଛାସେବୀ ମହାସଂଘର ସମସ୍ତ ସଭ୍ୟ ଅନୁଷ୍ଠାନର ସାଧାରଣ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ମଣ୍ଡାସୁର, ରାଇକିଆ ଠାରେ ଅନୁଷ୍ଠିତ ହୋଇଜାଇଅଛି । ଏହି ତୃତିୟ ସାଧାରଣ ବୈଠକ ରାମ ଚନ୍ଦ୍ର ଦାସଙ୍କ ପୌରହତା କରିଥିବା ବେଳେ ଅନ୍ୟ ସଦସ୍ୟ ଅନୁଷ୍ଠାନମାନଙ୍କର ମୂଖ୍ୟ ଅଧିକାରୀ ଜଥା ସେବା ଭାରତୀ, ଓ.ସି.ଆଇ, ଏ.ସି.ଏମ, ହାଇ ହୋପ ସୋସାଇଟି, ଡିଭୋଟି ଟ୍ରଷ୍ଟି, ଜି.ଏମ.ଏସ, ଫାରେଲ, ଆଜକା, ଲଭ ଇଣ୍ଡିଆ, ଜାଗୃତି, ସ୍ୱାତୀ, ନିପୀଡିତ, ବନବାସୀ ସେବା ସମିତୀ, ଅଗ୍ରଗାମୀ, ଶାନ୍ତି ମୈତ୍ରି, ଜନ ଭିକାଶ, ସାହାରା, ପ୍ରଦାତା ଉପସ୍ଥିତ ରହି ପି.ଏ.ଜିର ବିଭିନ୍ନ କାର୍ଯ୍ୟପ୍ରଣାଳି ବିଷୟରେ ଆଲୋଚନା କରାଜାଇଥିଲା । ଜିଲ୍ଲା ପ୍ରସାସନ କିପରି ସାମାଜିକ ଅନୁଷ୍ଠାନ ମାନଙ୍କୁ ଜିଲ୍ଲାର ବିକାଶ କାର୍ଯ୍ୟକ୍ରମରେ ସାମିଲ ଓ ଆଲୋଚନା କରି ଆଗାମି ଦିନରେ ଚିରନ୍ତନ ବିକାଶର ଲକ୍ଷ ପୂରଣ ଦିଗରେ କାର୍ଯ୍ୟ କରିବ, ସେଥିପ୍ରତୀ ଦୃଷ୍ଟି ଆଣିବା ପାଇଁ ଜିଲ୍ଲା ଓ ବ୍ଲକ ସ୍ତରରେ ସମନ୍ୱୟ ବୈଠକ କରିବା ପାଇଁ ଦାବି ଉପସ୍ଥାପନା କରିଥିଲେ । ପ୍ରଧାନ ମନ୍ତ୍ରୀ ଆବସ ଜୋଜନା ର ଅଭିଯୋଗ ସମୟ ସୀମା ଅତି ସ୍ୱଳ୍ପ ଥିବାରୁ, ଲୋକମାନେ ଠିକ ଭାବେ ଅବଗତ ହୋଇନାହାଁନ୍ତି, ଏହାର ସମୟ ସୀମା କୁ ବଢାଇବାର ଆବଶ୍ୟକତା ଅଛି । ଜିଲ୍ଲାରେ ହେଉଥିବା ସମନ୍ୱୟ ବୈଠକ ବହୁତ ଦିନ ହେବ ହୋଇପାରୁନି, ଏହାକୁ କିପରି କରିହେବ ଯେଉଁଠି ପ୍ରଶାସନ ଓ ସାମାଜିକ ଅନୁଷ୍ଠାନ ନିଜର ମତ ରଖିପାରିବେ ।

## ଆଂଚଳିକ ପଂଚାୟତ ଜୁନିୟର କଲେଜର ବାର୍ଷିକ ଉତ୍ସବ

ଭୁବନ, ୨୪/୦୧ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ନୂଆହାଟ ଆଂଚଳିକ ପଂଚାୟତ ଜୁନିୟର କଲେଜର ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଢେଙ୍କାନାଳ ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନେ ନିଜକୁ ଉତମ ନାଗରିକ ଓ ସଫଳ ବ୍ୟକ୍ତିତ୍ୱରେ ପରିଣତ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ, ଉପାଧକ୍ଷା ଶ୍ରୀମତୀ ସରୋଜିନୀ ଦ୍ୱିବେଦୀ, ମୃଦଙ୍ଗା ସରପଂଚ ଶ୍ରୀମତୀ ଟିପ ମାଝୀ, ଏନ୍ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ଅଧକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ଜିଲ୍ଲାପରିଷଦ ଉପାଧକ୍ଷ କୋଦଣ୍ଡଧର ସାହୁ, ମହାବିଦ୍ୟାଳୟର ପ୍ରତିଷ୍ଠାତା ସଂପାଦକ ତଥା ପୂର୍ବତନ ସରପଂଚ ବିଜୟ କୁମାର ଆଏଚ ପ୍ରମୁଖ ଯୋଗଦେଇଥିଲେ । ବାର୍ଷିକ କ୍ରୀଡାରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧାପକ, ଅଧାପିକା ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# କଞ୍ଚା ଟମାଟୋ ଖାଇବା ଦ୍ୱାରା ମିଳିଥାଏ ଅଦ୍ଭୁତ ଫାଇଦା

ଟମାଟୋ ଏମିତି ଏକ ପରିବା ଯାହା ସବୁଥିରେ ଦରକାର ହୋଇଥାଏ । ଏଥିରୁ ମଧ ବିଭିନ୍ନ ପ୍ରକାର ରୋଷେଇ ପ୍ରସ୍ତୁତ ହୋଇଥାଏ । ଏହା ତ ତରକାରୀ ପଡ଼ିଲେ ସ୍ୱାଦକୁ ଦ୍ୱିଗୁଣିତ କରିଦେଇଥାଏ । ଏଥିରେ ସାଲାଡ଼ ହୋଇଥାଏ ଏବଂ ଏହାକୁ କେହି କେହି ଫେସ୍ ପ୍ୟାକ ଭାବରେ ମଧ ବ୍ୟବହାର କରିଥାନ୍ତି । କିନ୍ତୁ ଆପଣ ଜାଣିଛନ୍ତି କି ଏହାକୁ କଞ୍ଚା ଖାଇବା ଦ୍ୱାରା ଶରୀରରେ କ'ଣ ଫାଇଦା ମିଳିଥାଏ ? ଆସନ୍ତୁ ଜାଣିବା...



**ଦୃଷ୍ଟି ଶକ୍ତି ବୃଦ୍ଧି:** ଯେଉଁମାନଙ୍କର ଦୃଷ୍ଟି ଶକ୍ତି କମ୍ ଥାଏ ,ସେମାନେ ବହୁମାତ୍ରରେ ଟମାଟୋ ଖାଇବା ଦରକାର । କାରଣ ଏଥିରେ ଭିଟାମିନ୍ ଏ ଥାଏ । ଫଳରେ ଏହାକୁ ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ବଢ଼ିବା ସହିତ ତ୍ୱଚାକୁ ମଧ ଚିକ୍କଣ କରିଥାଏ ।

**ପେଟ ଥଣ୍ଡା ରହିଥାଏ:** ଆଜିକାଲି ସମସ୍ତଙ୍କ କ୍ଷେତ୍ରରେ ପେଟ ଜନିତ ସମସ୍ୟା ଦେଖାଯାଉଛି । ଏହାର ପ୍ରଭାବ କେଶ ଏବଂ ଚର୍ମ ଉପରେ ପଡ଼ିଥାଏ । ତେଣୁ ଏହାକୁ ଖାଲି ପେଟରେ ଖାଇବା ଦ୍ୱାରା ପେଟ ଜନିତ ସମସ୍ୟା ଦୂର ହେବା ସହ ଏହା ପେଟକୁ ଥଣ୍ଡା ରଖିଥାଏ ।

**ଓଜନ ହ୍ରାସ:** ଏବେ ସମସ୍ତଙ୍କ କ୍ଷେତ୍ରରେ ମୋଟାପଣ ଦେଖିବାକୁ ମିଳୁଛି । ଏହା ଦ୍ୱାରା ଶରୀର ଓଜନ ଏବଂ କୋଲଷ୍ଟର ବୃଦ୍ଧି ପାଇଥାଏ । କିନ୍ତୁ ଟମାଟୋ ରସ ପିବା ଦ୍ୱାରା ଓଜନ କମିବା ସହ କୋଲଷ୍ଟର ସ୍ତରଙ୍କୁ ମଧ ହ୍ରାସ କରିଥାଏ । ଏହା ଓଜନ ହ୍ରାସ ପରେ ଏକ ସୁସ୍ଥ ଓଜନ ବଜାୟ ରଖିବାରେ ସାହାର୍ଯ୍ୟ କରିଥାଏ ।

**କ୍ୟାଲୋରୀ:** ଲାଲ୍ ଟମାଟୋରେ କମ୍ କ୍ୟାଲୋରୀ ଥାଏ । ଯେଉଁଥିରେ କାର୍ବୋହାଇଡ୍ରେଟର ପରିମାଣ ମଧ କମ୍ ମାତ୍ରାରେ ଥାଏ ଏବଂ ଏଥିରେ ଜଳର ପରିମାଣ ଅଧିକ ଥିବାରୁ ଏହା ଶୀଘ୍ର ପେଟକୁ ଭରିବା ସହ ହଜମ କରିବା ସହଜ ହୋଇଥାଏ ।



# ଖରାପ କୋଲେଷ୍ଟ୍ରୋଲ୍ ଯୋଗୁଁ ବଢିଥାଏ ଷ୍ଟ୍ରୋକ୍-ହାର୍ଟ ଆଟାକର୍ ବିପଦ: ବର୍ତ୍ତିବା ପାଇଁ ଖାଆନ୍ତୁ ଏହି ଜିନିଷ



କିଛି ଜିନିଷ ଖାଇବା ଦ୍ୱାରା ଶରୀରରେ ଥିବା ଖରାପ କୋଲେଷ୍ଟ୍ରୋଲ୍ ହ୍ରାସ ହେବା ପରିବର୍ତ୍ତେ ଆହୁରି ବଢ଼ିଯାଏ, ଯେଉଁ କାରଣରୁ ଷ୍ଟ୍ରୋକ ଏବଂ ହାର୍ଟ ଆଟାକ୍ ହେବାର ସମ୍ଭାବନା ଅଧିକ ରହିଥାଏ । କେବଳ ଏତିକି ନୁହେଁ, ଅନେକ ପ୍ରକାରର ବଡ ରୋଗ ଆପଣଙ୍କୁ ଗ୍ରାସ କରିବାରେ ଲାଗିଥାଏ । ଏପରି ପରିସ୍ଥିତିରେ ଆପଣଙ୍କୁ ନିଜ ଲାଇଫଷ୍ଟାଇଲରେ ପରିବର୍ତ୍ତନ ଆଣିବାକୁ ପଡିବ, ନଚେତ୍ ଏହି ପ୍ରକାର ସମସ୍ୟା ପିଛା ଛାଡିବ ନାହିଁ । ତେବେ ଶରୀରରୁ ଖରାପ କୋଲେଷ୍ଟ୍ରୋଲକୁ ବାହାର କରିବାକୁ ଆପଣଙ୍କୁ କିଛି ଜରୁରୀ ଖାଦ୍ୟ ଜିନିଷ ଖାଇବାକୁ ପଡିବ । ଆସନ୍ତୁ ଜାଣିବା କ'ଣ...

**ରସୁଣ ଦ୍ୱାରା ନିୟନ୍ତ୍ରଣରେ ରହିବ କୋଲେଷ୍ଟ୍ରୋଲ:**
ରସୁଣ ଖାଇବା ଆପଣଙ୍କ ଶରୀରରୁ ଖରାପ କୋଲେଷ୍ଟ୍ରୋଲ୍ ବାହାର କରିବାରେ ସାହାଯ୍ୟ ମିଳିଥାଏ । ଅନେକ ରିପୋର୍ଟ ଦାବି କରିଛି ଯେ, ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଶରୀରରୁ ଅତିକମରେ ୧୦ ପ୍ରତିଶତ କୋଲେଷ୍ଟ୍ରଲ କମିଯାଏ ।

**ଧନିଆ ମଞ୍ଜିରୁ ମିଳିବ ସାହାଯ୍ୟ:**
କିଛି ଲୋକ ଧନିଆ ଖାଆନ୍ତି, କିନ୍ତୁ ଏହା କୋଲେଷ୍ଟ୍ରଲ ହ୍ରାସ କରିବାରେ ସାହାଯ୍ୟ କରେ ବୋଲି ସେମାନେ ଜାଣନ୍ତି ନାହିଁ । ଏହି ମଞ୍ଜିଗୁଡିକରେ ଫୋଲିକ୍ ଏସିଡ୍, ଭିଟାମିନ୍ ସି, ଭିଟାମିନ୍ ଏ ଏବଂ ବିଟା-କାରୋଟିନ୍ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ଭିଟାମିନ୍ ଥାଏ । ଆପଣ ଏକ ଚାମଚ ଧନିଆ ମଞ୍ଜିକୁ ପାଣିରେ ପ୍ରାୟ ଦୁଇ ମିନିଟ୍ ଫୁଟାଇ ଦିଅନ୍ତୁ ଓ ପରେ ଏହାକୁ ଛାଣି ପିଅନ୍ତୁ । ଏପରି କରିବା ଦ୍ୱାରା କୋଲେଷ୍ଟ୍ରୋଲ କମ୍ ଆପଣଙ୍କୁ ସାହାଯ୍ୟ ମିଳିବ ।

**ମେଥି:**
କୋଲେଷ୍ଟ୍ରୋଲକୁ କମ୍ କରିବାରେ ମେଥିରେ ମଧ ଯୋଗଦାନ ରହିଛି । ଯଦି ଆପଣ ଆପଣଙ୍କ ଡାଏଟରେ ମେଥି ସାମିଲ କରିବେ, ତେବେ ଷ୍ଟ୍ରୋକ୍ ଓ ହାର୍ଟ ଆଟାକର ଆଶଙ୍କା ବହୁତ କମିଯିବ ।

# ବଢୁଛି କି ଭୁଲାପଣ ? ସ୍ମରଣଶକ୍ତି ବୃଦ୍ଧି କରିବା ପାଇଁ ଆପଣାନ୍ତୁ ଏହି ଉପାୟ

ବୟସ ବଢିବା ସହିତ ସ୍ମରଣଶକ୍ତି ମଧ ଦୁର୍ବଳ ହୋଇଯାଏ । ବିଶେଷ କରି ବୟସ୍କମାନଙ୍କ କ୍ଷେତ୍ରରେ ଏହା ଅଧିକ ଦେଖଥାଏ । ବୟସ ବଢିବା ସହିତ ସ୍ମରଣଶକ୍ତି ଦୁର୍ବଳ ହୋଇଯିବା ଏକ ସ୍ୱାଭାବିକ କଥା । ମଣିଷର ବୟସ ଯେତେ ବଢିଥାଏ ତାର ମନେଖିବା ଶକ୍ତି ସେତେ କମିଯାଏ । କେତକ ସ୍ଥାନରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଏହି ଅସୁବିଧା ଦେଖାଦେଇଥାଏ । ତେବେ ଏଭଳି ସମସ୍ୟାର ସମାଧାନ ବିନା ଔଷଧରେ ଅଥବା ପ୍ରାକୃତିକ ଉପାୟରେ ମଧ କରାଯାଇପାରେ ।

ଆୟୁର୍ବେଦ ବିଶେଷଜ୍ଞ ଡାକ୍ତର ଡିମ୍ପଲ୍ ଜାଙ୍ଗଡାଙ୍କ କହିବା ଅନୁଯାୟୀ କିଛି ପ୍ରାକୃତିକ ଉପଚାର ଦ୍ୱାରା ଏହାର ପ୍ରଭାବକୁ କମ୍ କରାଯାଇପାରେ । ଆୟୁର୍ବେଦ ଚିକିତ୍ସା ଦ୍ୱାରା ପ୍ରାକୃତିକ ଉପାୟରେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ଇନଷ୍ଟାଗ୍ରାମରେ ଉଲ୍ଲେଖ କରିଛନ୍ତି । ତେବେ ଆସନ୍ତୁ ଜାଣିବା କେଉଁ ଉପାୟ ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ସହ ଚିନ୍ତା କରିବାର କ୍ଷମତାକୁ ମଧ ବଢାଇପାରିବେ ।

ଡାର୍କ ଚକୋଲେଟ୍: ଏହି ଚକୋଲେଟରେ କୋକୋର ମାତ୍ରା ୭୦ ପ୍ରତିଶତ ରହିଥାଏ । ଏଥିରେ ଚିନିର ମାତ୍ରା କମ୍ ରହିଥାଏ । ଡକ୍ଟର ଡିମ୍ପଲ କହିଛନ୍ତି ଯେ, କୋକୋ ଫ୍ଲାଭୋନୋଏଡର ଏକ ମୁଖ୍ୟ ଉତ୍ସ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ସ୍ମରଣଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।

ସିଡ୍ସ ଏବଂ ନଟ୍ସ: ସିଡ୍ସ ଏବଂ ନଟ୍ସ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ । ଏହା ଆମ ମନକୁ ଦୃଢ ରଖିବାରେ ସାହାଯ୍ୟ କରେ । ବିଶେଷ କରି "ସନ୍ ?ଫ୍ଲାଓ୍ୱାର ସିଡ୍ସ, ନଟ୍ସ, କାଜୁ, ଏବଂ ହାଜେଲନଟ୍ ଭଳି ମଞ୍ଜି ଜାତୀୟ ଖାଦ୍ୟ ଆମ ମନକୁ ଅଧିକ ସକ୍ରିୟ କରିଥାଏ । ଏହି ଖାଦ୍ୟଗୁଡ଼ିକରେ ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଥାଏ ।

ଖାଦ୍ୟରେ ଚିନିର ମାତ୍ରା କମ୍ କରିବା: ଖାଦ୍ୟରେ ଚିନିର ମାତ୍ରା କମ୍ କରିବା ନିହାତି ଜରୁରୀ । ଜାଣିଶୁଣି ହେଉ କିମ୍ୱା ଅଜାଣତରେ, ଆମେ ଆବଶ୍ୟକତାଠାରୁ ଅଧିକ ଚିନି ଖାଇଥାଉ ଯାହା ଆମ ଶରୀର ପାଇଁ କ୍ଷତିକାରକ । ଚିନି ମିଶିଥିବା ଖାଦ୍ୟଠାରୁ ଦୂରେଇ ରହିବା ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ ହୋଇଥାଏ । ଏହା ସ୍ମୃତିଶକ୍ତିକୁ କମ୍ କରିପାରେ । ଚିନି ପରିବର୍ତ୍ତେ ଖାଦ୍ୟରେ ଗୁଡ, ଖଜୁରୀ,



ଏବଂ ମହୁକୁ ବ୍ୟବହାର କରିପାରିବା ବୋଲି ସେ କହିଛନ୍ତି ।

ବ୍ରେନ୍ ଗେମ୍ସ: ବିଶେଷଜ୍ଞଙ୍କ ମତନୁଯାୟୀ ଆମ ମସ୍ତିଷ୍କକୁ ବିଭିନ୍ନ ଧରଣର ଖେଳରେ ଜଡିତ ରଖିବା ଉଚିତ । ଯେମିତିକି ସୁଡୋକୁ, ଚେସ, କ୍ରସ୍ ଓ୍ୱାର୍ଡ, ପଜଲ୍ ଏବଂ ସ୍କ୍ରାମବଲ୍ ପରି ବ୍ରେନ୍ ଗେମ୍ । କାରଣ ଏହି ଖେଳଗୁଡିକ ମନକୁ ସକ୍ରିୟ ରଖିବାରେ ଏବଂ ସ୍ମରଣ ଶକ୍ତିର ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରେ ।

# ଶୀତ ଦିନେ କେଶ ଝଡ଼ିବା ଏକ ସାଧାରଣ ସମସ୍ୟା: କରନ୍ତୁ ଏହି ଘରୋଇ ଉପଚାର

କେଶ ଝଡ଼ିବା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଯାଇଛି । କେଶ ଝଡ଼ିବାକୁ ରୋକିବା ପାଇଁ ଆମେ ବିଭିନ୍ନ ପ୍ରକାରର ଉପାୟ ଅବଲମ୍ବନ କରିଥାନ୍ତି । ତା' ସତ୍ତ୍ୱେ ବି କେଶ ଝଡ଼ିବାକୁ ଶହେ ପ୍ରତିଶତ ଆୟତ୍ତ କରିହୁଏ ନାହିଁ । ମାତ୍ର ଆପଣଙ୍କ କେଶ ଝଡ଼ିବାକୁ ରୋକିବା ପାଇଁ ଆମ ନିକଟରେ ଏକ ବଢ଼ିଆ ଉପାୟ ଅଛି । ଯଦି ଆପଣଙ୍କ ଘର ପାଖରେ ମନ୍ଦାର ଫୁଲ୍ ଗଛ ଅଛି ତେବେ ଆପଣଙ୍କ ସମସ୍ୟା ସମାଧାନ ହୋଇଗଲା ବୋଲି ଭାବନ୍ତୁ । ମନ୍ଦାର ରସ କେଶରେ ଲଗାଇଲେ କେଶ ଶକ୍ତ ହେବା ସହ ଝଡ଼ିବା କମ୍ ହୋଇଥାଏ । ଯଦି ଆପଣଙ୍କ ମୁଣ୍ଡ ଶୁଖିଲା ରହୁଛି କିମ୍ୱା କୁଣ୍ଡେଇ ହଉଛି ତେବେ ବି ଆପଣ ଏହି ରସ ଲଗାଇ ପାରିବେ । କେଶ ରୁପି ଭଲ କରିବା ପାଇଁ ମନ୍ଦାର ଫୁଲର ରସ ଅବ୍ୟର୍ଥ ଔଷଧ ପରି କାମ କରିଥାଏ । ମୋଟାମୋଟି କହିବାକୁ ଗଲେ ଚିକ୍କଣ ଓ କଳା ମୁଚୁମୁଚୁ କେଶ ଚାହୁଁଥିଲେ ଆପଣ ଏହାକୁ ବ୍ୟବହାର କରିପାରିବେ । ଯଦି ଆପଣଙ୍କ କେଶ ବା ତାଲୁ ସୁଷ୍କ ତେବେ ଆପଣ ୨ଟି ମନ୍ଦାର ପାଖୁଡ଼ା ନେଇ ଗୋଟାଏ କପ୍ ପାଣିରେ ୫ ମିନିଟ୍ ପର୍ଯ୍ୟନ୍ତ ଗରମ କରନ୍ତୁ । ତାହା ଥଣ୍ଡା ହେବା ପରେ ସେଥିରେ ଆବଶ୍ୟକ ମୁତାବକ ନଡ଼ିଆ ତେଲ ମିଶ୍ରଣ କରନ୍ତୁ । ତାହାକୁ କେଶରେ ଲଗାନ୍ତୁ । ଯଦି ଆପଣଙ୍କ କେଶରେ ରୁପି ଅଛି ତେବେ ତେବେ ମନ୍ଦାର ଫୁଲ ସହ କିଛି ମନ୍ଦାର ପତ୍ର ମିଶାଇ ଏକ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ । ତାହାକୁ କେଶରେ ଲଗାଇ ୨୦ ମିନିଟ୍ ପରେ କେଶ ଧୋଇ ଦିଅନ୍ତୁ ।



# ମଧୁମେହକୁ ନିୟନ୍ତ୍ରଣରେ ରଖେ ଏହି ପରିବା: ଦୈନିକ ଖାଇଲେ ମିଳିବ ଅନେକ ଫାଇଦା

ଆମ ଜୀବନଶୈଳୀ ହିଁ ଆମ ଶାରୀରିକ ସୁସ୍ଥତା ଓ ଅସୁସ୍ଥତାର କାରଣ ହୋଇଥାଏ । ଠିକ୍ ଭାବେ ଖାଦ୍ୟ, ପାନୀୟ ଗ୍ରହଣ କଲେ ଆଜିକାଲି ହେଉଥିବା ବିଭିନ୍ନ ପ୍ରକାରର ରୋଗକୁ କିଛି ମାତ୍ରାରେ ହ୍ରାସ କରାଯାଇପାରେ ।

ମଧୁମେହ ଆଜିକାଲି ଏକ ସାଧାରଣ ରୋଗ ପାଲଟିଗଲାଣି । ପ୍ରାୟ ପ୍ରତି ଘରେ ଏହି ରୋଗୀ ଥିବାର ଦେଖିବାକୁ ମିଳୁଛି । ଏହି ରୋଗ ଥରେ ହେଲେ ଏହାର ସଂପୂର୍ଣ୍ଣ ଉପଶମ କଷ୍ଟକର, ମାତ୍ର ରୋଗକୁ ଆୟତ୍ତରେ ରଖାଯାଇପାରେ । ଉପଯୁକ୍ତ ବ୍ୟାୟାମ, ଖାଦ୍ୟ ଓ ନିୟମିତ ଔଷଧ ସେବନ କଲେ ଏହି ରୋଗକୁ ହରାଯାଇପାରେ ।

ତେବେ ଆପଣ ଯଦି ଏହି ରୋଗକୁ ଆୟତ୍ତରେ ରଖିବାକୁ ଚାହାନ୍ତି ତେବେ ଆପଣଙ୍କୁ କିଛି କଥା ମାନିବାକୁ ପଡ଼ିବ । କିଛି ପରିବା ରହିଛି ଯାହାକି ମଧୁମେହ ରୋଗୀଙ୍କ ପାଇଁ ଖୁବ୍ ଲାଭପ୍ରଦ । କଲରା ବ୍ୟତୀତ ଆପଣଙ୍କ ପାଇଁ ଅନ୍ୟ କିଛି ଭଲ ପରିବା ହୋଇ ନ ଥାଏ । ଜାଣିରଖନ୍ତୁ ଯେ ମାତ୍ରାଧିକ କଲରା ଖାଇବା ଦ୍ୱାରା, କଲରା ଜୁସ୍ ପିଇବା ଦ୍ୱାରା ରକ୍ତରେ ଶର୍କରା ପରିମାଣକୁ ଆଶାତୀତ ଭାବେ କମ୍ କରାଯାଇପାରେ ।

ଏହି ପିତା ପରିବାରେ ରହିଛି ପ୍ଲାଣ୍ଟ୍ ଇନ୍ସୁଲିନ୍ ପୋଲିପେପ୍ଟାଇଡ୍-ପି ତତ୍ତ୍ୱ । ଏହି ପରିବା ଖାଇବା ଦ୍ୱାରା ହାଇପରଗ୍ଲିସେମିଆ କମ ହେବା ସହ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖାଯାଇପାରେ ।

ଆପଣ କଲାରାକୁ ଭଜା, ତରକାରି ଯେପରି ବି ଖାଇପାରିବେ । ମାତ୍ର ମନେ ରଖନ୍ତୁ ଯଦି କଲରା ଜୁସ୍ ବନାଉଛନ୍ତି ତେବେ ସେଥିରୁ ମଞ୍ଜି ନିଶ୍ଚୟ କାଢ଼ି ଦିଅନ୍ତୁ ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନୂତନ ବଂଶଧର ପାଇଁ ଆହ୍ୱାନ...

୨୦୨୪ ସାଧାରଣ ନିର୍ବାଚନକୁ ମଝିରେ ରହିଲା ୪୦୦ ଦିନ । ସେହି କାଳଖଣ୍ଡକୁ ଯୁବପିଢ଼ି ପାଇଁ ଶିକ୍ଷା ସମୟରେ ରୂପାନ୍ତରିତ କରିବା ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି । କହିଛନ୍ତି; ପୂର୍ବ କଂଗ୍ରେସ ସରକାର ଶାସନ ଅମଳର କୁଶାସନ ବିଷୟରେ ନୂତନ ପିଢ଼ିର ଅଭିଜ୍ଞତା ନଥିବ । ତେଣୁ ଏହି ୪୦୦ ଦିନରେ ଯୁବ ପିଢ଼ିକୁ କୁଶାସନ ବିଷୟରେ ଏବଂ ଚଳିତ ସରକାରଙ୍କ ସୁଶାସନ ବିଷୟରେ ଅବହିତ କରାଯିବା ଯଥେଷ୍ଟ ଜରୁରୀ । ସେଥିରୁ ଆବଶ୍ୟକ ଶିକ୍ଷା ଗ୍ରହଣ କରି ପାର୍ଥକ୍ୟ ଜାଣିବା ସହିତ ରାଷ୍ଟ୍ର ପରିଚାଳନାରେ ଭାଗିଦାରୀ ହୋଇପାରିବେ ନୂତନ ବଂଶଧର । ଦୁଇପାଳି ପ୍ରଧାନମନ୍ତ୍ରୀତ୍ୱ ପୂରଣ କରିବାକୁ ଯାଉଥିବା ନରେନ୍ଦ୍ର ମୋଦିଙ୍କ ପାଇଁ ଚଳିତ ଓ ଆଗାମୀ ବର୍ଷ ଆଣି ଦେଇଥିବା ରାଜନୈତିକ ସମ୍ଭାବନା ସମ୍ପର୍କରେ କେଉଁ ବିଶେଷଜ୍ଞ କିଭଳି ମତପୋଷଣ କରୁଥାଇ ପାରନ୍ତି । ମାତ୍ର ସମଗ୍ର ଦେଶର ସ୍ୱଚ୍ଛାଧିକ କାୟାବିସ୍ତାର କରିଥିବା ଭାରତୀୟ ଜନତା ପାର୍ଟି ତାଙ୍କୁ ଦେଇଥିବା ଆତ୍ମବିଶ୍ୱାସ ଇସାରା କରୁଛି କି, ମୋଦି ହିଁ ୨୪ରେ ପୁନଃନିର୍ବାଚିତ ହେବେ । ଚାରିଶହ ଦିନ ମୋଦି-ବିରୋଧୀଙ୍କ ପାଇଁ ସ୍ୱଳ୍ପ ସମୟ । ସମୟ ସ୍ୱଳ୍ପ ଅଥଚ ଆହ୍ୱାନ ବିରାଟ । ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ପରେ ପରେ ବିପକ୍ଷ ଦଳମାନେ ମୋଦି-ହଟାଅ ଧ୍ୱନି ପଛରେ ବଳ ଗୋଟାଇବାରେ ଲାଗି ଗଲେଣି । କେଇଦିନ ତଳେ ତେଲଙ୍ଗାନାର ଖମାମ୍ ଠାରେ ବିରୋଧୀ ଦଳଗୁଡ଼ିକର ସମାବେଶ ହୋଇଥିଲା । ତାହାର ସୂତ୍ରଧର ଥିଲେ ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍, କେରଳର ମୁଖ୍ୟମନ୍ତ୍ରୀ ପିନାରି ବିଜୟନ, ଆଇପିଆଇ ନେତା ଡି.ରାଜା, ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଲେଶ ଯାଦବଙ୍କଠାରୁ ଆରମ୍ଭ କରି ବହୁ ନେତା ଭାଷଣ ଦେଇ ମୋଦି ସରକାରଙ୍କ ତଥାକଥିତ କୁଶାସନକୁ ହଟାଇବାକୁ ଆହ୍ୱାନ ଦେଇଥିଲେ । ଖମାମ୍ ସମାବେଶକୁ ମୁଖ୍ୟତଃ ଅଣକଂଗ୍ରେସ ନେତାମାନଙ୍କର ସମାବେଶ କୁହାଯାଇପାରିବ । ସେପଟେ ଜେଡିୟୁର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ଦେଶର ପ୍ରଧାନମନ୍ତ୍ରୀ ରୂପେ ଉପସ୍ଥାପନ କରିବାକୁ ଚାହୁଁଥିବା ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ଆୟୋଜନ ଦେଖି ଖପ୍‌ପା । କାରଣ, କେଉଁ ବ୍ୟକ୍ତିତ୍ୱ ପ୍ରଧାନମନ୍ତ୍ରୀ ହେବେ, ତାହାକୁ ନେଇ ନେତାମାନଙ୍କ ଟଣାଓଟରା ଦେଖିଲା ଭଳି । କିଏ ଉତ୍ତରକୁ ମୁହଁ କରିଛନ୍ତି ତ' ଆଉ କିଏ ଦକ୍ଷିଣ ଆଡ଼େ । ମମତା ବାନାର୍ଜୀ ଓ ତାଙ୍କ ଦଳ ତୃଣମୂଳ କଂଗ୍ରେସ ଏଭଳି ଅଣକଂଗ୍ରେସ ସମାବେଶକୁ ସହିପାରିବା ସ୍ଥିତିରେ ନାହାଁନ୍ତି । ତାଙ୍କ ଜାତୀୟ ନେତୃତ୍ୱ ଇଚ୍ଛା ସହସା ପୂରଣ ହେବାଭଳି ଦେଖାଯାଉନାହିଁ । ଏହା ଭିତରେ ଚଳିତ ବର୍ଷ ନଅଟି ରାଜ୍ୟରେ ବିଧାନସଭା ଭୋଟ୍‌କୁ ସାଧାରଣ ନିର୍ବାଚନ ଲାଗି ସେମିଫାଇନାଲ ଭାବେ ଧରାଯାଉଛି । ତିନୋଟି ରାଜ୍ୟ ତ୍ରିପୁରା, ନାଗାଲାଣ୍ଡ ଓ ମେଘାଳୟ ସକାଶେ ଆରମ୍ଭ ହୋଇଗଲାଣି ବିଗୁଲ୍ ବଜା । ସେହି ରାଜ୍ୟଗୁଡ଼ିକରେ ବିରୋଧୀଙ୍କ ଫଳାଫଳ କିଭଳି ହେବ ତାହା ଅଗ୍ରେ ଧାବତି ଧାବତି । ଗୃହ ମନ୍ତ୍ରୀଙ୍କ ଘନଘନ ଗସ୍ତ ତାହାର ଝଲକ୍ ମାତ୍ର । କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଭାରତ ଯୋଡ଼ୋ ପଦଯାତ୍ରା ଜମ୍ମୁ-କାଶ୍ମୀରରେ ପହଞ୍ଚି ଗଲାଣି । ହଜାର ହଜାର ସମର୍ଥକଙ୍କୁ ଧରି ସେ କରୁଥିବା ଯାତ୍ରା ପଛରେ କ୍ଷମତା ଦଖଲର ଦୂରିଲାଷ ନାହିଁ ବୋଲି କହୁଛନ୍ତି । ଦରବୃଦ୍ଧି, ବେକାରୀ ଭଳି ପ୍ରସଙ୍ଗକୁ ପୁଂଜିକରି ସାଧାରଣ ଜନତାଙ୍କ ସହିତ ଯୋଡ଼ିହେବା ପାଇଁ ରାହୁଲ ଚଳାଇଛନ୍ତି ଅଭିଯାନ । ମାତ୍ର ବିରୋଧୀ ଦଳମାନଙ୍କ ଭିତରେ ତାଙ୍କ ଦଳର ପତିଆରା ନଥିବା ରାହୁଲଙ୍କୁ ଅକଳ ସୃଷ୍ଟି କରିଥିଲା ଭଳି ମନେ ହେଉଛି । ସେ ନିଜ ଦଳ କଂଗ୍ରେସ ପାଇଁ ବଳ ଗୋଟାଉଥିବା ସମୟରେ ଅନ୍ୟମାନଙ୍କ ପାଇଁ କଣ ପାଇଁ ଗ୍ରହଣୀୟ ହୋଇପାରୁନାହାଁନ୍ତି ତାହା ପ୍ରଶ୍ନ ହୋଇ ଛିଡ଼ା ହୋଇଛି । କ୍ଷମତା ରାଜନୀତି ଏଭଳି ଅବସ୍ଥାରେ ପହଞ୍ଚି ସାରିଛି ଯେ, ଆଗକୁ ଜନଜୀବନକୁ ଜଟିଳ ଗୋଲକଧନ୍ଦାରେ ପେଷି ହେଉଥିବା ସମସ୍ୟା ଆଦୌ ଗୁରୁତ୍ୱ ରଖୁନାହିଁ । ପଙ୍କିଳ ରାଜନୀତିକୁ ନିର୍ମଳ କରିବାର ଦୁରାଶା ରଖିଥିବା ମହଲ ଏବେ ଅଣକଣିକା ପାଲଟି ସାରିଲେଣି । କ୍ଷମତା ଦୌଡ଼ରେ ମାତିଛନ୍ତି ନେତାମାନେ । ହାତୀ ଦେବି, ଘୋଡ଼ା ଦେବି, ଉପହାର ଭେଟି ଦେବା ଦୌଡ଼ରେ ସତେ ଯେମିତି ଦୌଡୁଛନ୍ତି । ଜନସମସ୍ୟା ନେତା-ନେତ୍ରୀମାନଙ୍କ ପାଇଁ ଗୌଣ ହୋଇସାରିଲାଣି । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାଗୁଡ଼ିକ ବିବାଦୀୟ ହେବାର କାରଣ ପଛରେ ଗୋଟିଏ ପ୍ରକରଣ, କିଏ ଶ୍ରେୟ ଅଧିକ ନେଇଯିବ । ନିର୍ବାଚନ ମାନେ-ଧନବଳର ଅକାତର ଭସାଣ । ତାହା ପଛକୁ ଆସୁଛି ଜନ (ବାହୁ) ବଳ । ଦୁଇଟି ମିଶିଗଲେ କ୍ଷମତା ଆପଣାଛାଏଁ ନେତୃତ୍ୱର ପାଦ ଛୁଇଁବ । ଦେଖାଯାଉ କଳୁଷିତ ରାଜନୀତିର ରାଜୁତି ହେଉଛି କି' ନିର୍ମଳ ଓ ସ୍ୱାଭିମାନୀ ବିଚାରର ବିଜୟ ହେଉଛି । ତେବେ ୨୦୨୪ର ଫଳାଫଳ ସବୁ ପ୍ରଶ୍ନର ଉତ୍ତର ଦେବ ।

# ପଦ୍ମମୁଖରେ ହସିବେ ଦିଅଁ



ବିପିନ ବିହାରୀ ରାଉତ



ପଦ୍ମବେଶ ଏକ ଭାବମୂଳକ ବେଶ। ମାଘ ଆମାବାସ୍ୟା ପରେ ବସନ୍ତ ପଞ୍ଚମୀ ପୂର୍ବରୁ ପଡୁଥିବା ବୁଧବାର ବା ଶନିବାରଦିନ ଏହି ବେଶ କରାଯାଇଥାଏ। ବର୍ଷକରେ କେବଳ ଏହି ଗୋଟିଏ ଦିନ ମହାପ୍ରଭୁ ପଦ୍ମବେଶରେ ହିଁ ପହୁଡ଼ ଯାଆନ୍ତି। ବଡ଼ସିଂହାର ବେଶ ହୁଅନ୍ତି ନାହିଁ। କେତେକ ଗବେଷକଙ୍କ ମତରେ ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ବଡ଼ଛତା ମଠର ସନ୍ଥ ରଘୁବର ଦାସ। କିମ୍ବଦନ୍ତୀ ଅନୁଯାୟୀ, ଉତ୍କଳ ଠାରୁ ଶହ ଶହ ମାଇଲ ଦୂରରେ ଥିଲେ ଜଣେ ହିନ୍ଦୀ ଭାଷୀ ସାଧୁ। ତାଙ୍କର ନାମ ଥିଲା ମନୋହର ଦାସ। ଏକଦା ମହାତ୍ମା ମନୋହର ଦାସ ଜଗନ୍ନାଥଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ। ତାଙ୍କର ପ୍ରବଳ ଆକାଂକ୍ଷା ଥିଲା ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ। ଦୀର୍ଘ ଦିନ ପାଦରେ ଚାଲି ଚାଲି ଅନେକ ଜଙ୍ଗଲ, ପାହାଡ଼, ନଈ, ରାସ୍ତା ଅତିକ୍ରମ କରି ଶାରୀରିକ ପୀଡ଼ା ସତ୍ତ୍ୱେ ସେ ଅବିଚଳିତ ଭାବେ ଆଗେଇ ଚାଲିଥାନ୍ତି।

ପଥ ମଧ୍ୟରେ ରାତ୍ରି ହୋଇଗଲେ କୌଣସି ମନ୍ଦିର, ମଠ, ଆଶ୍ରମ କିମ୍ବା ବୃକ୍ଷ ତଳେ ବିଶ୍ରାମ ନିଅନ୍ତି। ପଦବ୍ରଜରେ ଯାଉଥିବା ବେଳେ ସାଧୁଙ୍କୁ ଥରେ ଭୀଷଣ ଶୋଷ ହେଲା। ପାଖରେ କୌଣସି ଗ୍ରାମ କିମ୍ବା ଜଳାଶୟ ନଥିଲା। କିଛି ପଥ ଅତିକ୍ରମ କରିବା ପରେ ହଠାତ୍ ତାଙ୍କର ଦୃଷ୍ଟିଗୋଚର ହେଲା ଗୋଟିଏ ପୁଷ୍କରିଣୀ ମଧ୍ୟରେ ଅନେକ ପଦ୍ମ ଫୁଲ ଫୁଟିଛି। ସେ ତାହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। କାରଣ ଶୀତଦିନରେ ପଦ୍ମ ଫୁଲ ଫୁଟିବା ସମ୍ଭବ ନୁହେଁ। ସେ ମନେ ମନେ ଜଗନ୍ନାଥଙ୍କୁ ସ୍ମରଣ କରି ପାଣି ପିଇ ପ୍ରଭୁଙ୍କ ନିମନ୍ତେ ପୁଷ୍କରିଣୀରେ ଫୁଟିଥିବା ପଦ୍ମ ପୁଷ୍ପକୁ ତୋଳି ନିକଟରେ ଥିବା ଏକ ମଇଳା ଗାମୁଛାରେ ନେଇଥିଲେ। ମାଘ ମାସ ଅମାବାସ୍ୟା ଦିନ ସେ ଶ୍ରୀମନ୍ଦିରରେ ପହଞ୍ଚି ପଦ୍ମଫୁଲଗୁଡ଼ିକୁ ଶ୍ରୀଜୀଉ ମାନଙ୍କ ଚରଣାବିନ୍ଦରେ ଲାଗି କରିବା ପାଇଁ ଅନୁରୋଧ କଲେ। ମଇଳା ଗାମୁଛାରେ ଥିବା ଶୁଷ୍କ ପଦ୍ମ ଫୁଲକୁ ଦେଖି ପଣ୍ଡା ଏହା ଠାକୁରଙ୍କୁ ଲାଗି ହୋଇପାରିବ ନାହିଁ କେହି ତିରସ୍କାର କଲେ। ଏଘଟଣାରେ ଭକ୍ତ ମନୋହର ଦୁଃଖ ଓ ଅପମାନରେ ମ୍ରିୟମାଣ ହୋଇ ତଳେ ପଡ଼ିଥିବା ଫୁଲ ସବୁ ଗୋଟାଇ ଶ୍ରୀମନ୍ଦିରରୁ ପଳାଇ ଆସି ବଡ଼ଛତା ମଠ ନିକଟରେ ଜଗନ୍ନାଥଙ୍କୁ ସ୍ମରଣ କରି ମୂର୍ଚ୍ଛିତ ହୋଇପଡ଼ିଲେ। ସେହିଦିନ ଜଗନ୍ନାଥ ମହାପ୍ରଭୁ ସ୍ୱପ୍ନାଦେଶରେ ଗଜପତି ମହାରାଜାଙ୍କୁ କହିଲେ; ମନୋହର ଆଣିଥିବା ପଦ୍ମ ପୁଷ୍ପରେ ହିଁ ଆଜି ମୋର ବଡ଼ସିଂହାର ବେଶ ହେବ। ପଦ୍ମ ଚାଉଳରେ ଖିରି ଭୋଗ କରି ସେହି ସାଧୁଙ୍କୁ ସେବନ କରାଇ ତାଙ୍କର ଜୀବନ ରକ୍ଷା କର। ଭକ୍ତ ପ୍ରବର ସାଧୁ ମନୋହର ଦାସ ଶ୍ରୀଜଗନ୍ନାଥଙ୍କୁ ପଦ୍ମ ପୁଷ୍ପ ପ୍ରଦାନର କିମ୍ବଦନ୍ତୀ ମୂଳକ ଆଖ୍ୟାନ ଅନୁକ୍ରମେ ମାଘ ମାସରେ ଏହି ବେଶରେ ଜଗନ୍ନାଥ ମହାପ୍ରଭୁ ସୋଲରେ ନିର୍ମିତ ପଦ୍ମପୁଷ୍ପ ପରିହିତ ହୋଇଥାନ୍ତି।

ଶ୍ରୀବିହାର କଲୋନୀ, କଟକ
ମୋ: ୯୪୩୭୬୬୬୪୫୩

# ବରିଷ୍ଠ ନାଗରିକ ଯୋଜନା ସ୍ଲୋଗାନରେ ସୀମିତ



ଜୟନ୍ତୀ ପଣ୍ଡା

**ଓଡ଼ିଶାରେ ପ୍ରତି ୧୦ଜଣରେ ଜଣେ ହେଉଛି ବରିଷ୍ଠ ନାଗରିକ। ଅର୍ଥାତ୍ ଏବେ ରାଜ୍ୟରେ ୪୨ ଲକ୍ଷ ୭୫ ହଜାର ବୟସ୍କ ବ୍ୟକ୍ତି ବାସ କରୁଛନ୍ତି। ୨୦୧୮ ମସିହାରେ ଟାଟା ଟ୍ରଷ୍ଟ ସହଯୋଗିତାରେ ଆନନ୍ଦ ପକ୍ଷରୁ କରାଯାଇଥିବା ସର୍ଭେ ମୁତାବକ ରାଜ୍ୟ ଜନସଂଖ୍ୟାର ୯.୫% ହେଉଛନ୍ତି ବୟସ୍କ। ମିଳିଥିବା ଅନ୍ୟ ଏକ ସୂଚନା ଅନୁସାରେ ଭୁବନେଶ୍ୱରରେ ବର୍ତ୍ତମାନ ୧ଲକ୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ ୨୬ ହଜାର ୫୨ ଜଣ ବିଭିନ୍ନ ଥାନାରେ ନାମ ପଞ୍ଜିକୃତ କରିଛନ୍ତି ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।**

ନିକଟରେ ମଞ୍ଚେଶ୍ୱର ଥାନା ଅଞ୍ଚଳର ଜଣେ ବରିଷ୍ଠ ମହିଳା ପରିବାର ଦ୍ୱାରା ନିର୍ଯାତିତା ହୋଇ ଆଇନର ଆଶ୍ରୟ ନେଇଥିଲେ। ହାଇକୋର୍ଟରେ ମାମଲା ଚାଲିଥିଲା। ହାଇକୋର୍ଟ ମଞ୍ଚେଶ୍ୱର ଥାନା ଅଧିକାରୀଙ୍କୁ ଉକ୍ତ ମହିଳାଙ୍କୁ ତାଙ୍କ ଘରେ ରହିବାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ସହାୟତାରେ ଉକ୍ତ ମହିଳା ଜଣକ ନିଜ ଘରେ ରହିବାର ସୁଯୋଗ ପାଇଛନ୍ତି। ତେବେ ଏ ହେଉଛି ଅନେକ ଘଟଣା ଭିତରୁ ଗୋଟିଏ। ସମାଜରେ ଏମିତି ଶହ ଶହ ବାପା ମା ପିଲାମାନଙ୍କ ଦ୍ୱାରା ନିର୍ଯାତିତ ହୋଇ ଏବେ ବୃଦ୍ଧାଶ୍ରମ ହିଁ ତାଙ୍କର ଶେଷ ଠିକଣା ପାଲଟିଛି। ତେବେ ୨୦୦୯ ମସିହାରୁ ବରିଷ୍ଠଙ୍କୁ ଗୁରୁତ୍ୱ ଦିଆଯିବ ସେମାନଙ୍କ ନିକଟକୁ ଯାଇ ସମସ୍ୟା ବୁଝାଯିବା ଭଳି ଯୋଜନା କରାଯାଇଥିଲା। ହେଲେ ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ଉକ୍ତ ଯୋଜନା କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠୁଛି। ସତରେ ଉକ୍ତ ଯୋଜନା କଣ କାର୍ଯ୍ୟକାରୀ ହେଉଛି। ଯଦି ହେଉଛି ତେବେ ବରିଷ୍ଠ ନାଗରିକମାନେ ଆଜି ଏମିତି ଅସୁରକ୍ଷିତ କାହିଁକି? ୨୦୦୯ ମସିହାରେ କମିଶନରେଟ ପୋଲିସର ବରିଷ୍ଠ ନାଗରିକ ସୁରକ୍ଷା ସେଲ ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଦେବ। ହେଲେ ବର୍ତ୍ତମାନର ସ୍ଥିତି ବୟାନ କରୁଛି କିଛି ଅଲଗା। ନା କେହି ପୋଲିସ ବରିଷ୍ଠ ନାଗରିକମାନଙ୍କ ପାଖକୁ ଯାଉଛନ୍ତି ନା ଗୁହାରି ଶୁଣୁଛନ୍ତି। ଖାଲି ଖାତା ଖତିଆନରେ ରହିଯାଇଛି ଏହି ସେଲ। କେବଳ ପରିଚୟ ପତ୍ର ବାଣ୍ଟିଦେଇ କାମ ସାରି ଦେଉଛନ୍ତି। ବରିଷ୍ଠ ନାଗରିକମାନେ ଆଗରୁ ଯେମିତି ଅସୁରକ୍ଷିତ ଥିଲେ ଏବେ ସେମିତି ଅଛନ୍ତି ବୋଲି ବରିଷ୍ଠ ନାଗରିକ କମିଟି ପକ୍ଷରୁ ଅଭିଯୋଗ ହୋଇଛି।

ଓଡ଼ିଶାରେ ପ୍ରତି ୧୦ଜଣରେ ଜଣେ ହେଉଛି ବରିଷ୍ଠ ନାଗରିକ। ଅର୍ଥାତ୍ ଏବେ ରାଜ୍ୟରେ ୪୨ ଲକ୍ଷ ୭୫ ହଜାର ବୟସ୍କ ବ୍ୟକ୍ତି ବାସ କରୁଛନ୍ତି। ୨୦୧୮ ମସିହାରେ ଟାଟା ଟ୍ରଷ୍ଟ ସହଯୋଗିତାରେ ଆନନ୍ଦ ପକ୍ଷରୁ କରାଯାଇଥିବା ସର୍ଭେ ମୁତାବକ ରାଜ୍ୟ ଜନସଂଖ୍ୟାର ୯.୫% ହେଉଛନ୍ତି ବୟସ୍କ। ମିଳିଥିବା ଅନ୍ୟ ଏକ ସୂଚନା ଅନୁସାରେ ଭୁବନେଶ୍ୱରରେ ବର୍ତ୍ତମାନ ୧ଲକ୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ ୨୬ ହଜାର ୫୨ ଜଣ ବିଭିନ୍ନ ଥାନାରେ ନାମ ପଞ୍ଜିକୃତ କରିଛନ୍ତି ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଓଡ଼ିଶାରେ ୧୧୦ଟି ବରିଷ୍ଠ ନାଗରିକ ସଂଘ ଅଛି ଯାହା ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ମହାସଂଘ ସହ ଅନୁବନ୍ଧିତ ହୋଇ ରହିଛି। ତେବେ ସେମାନଙ୍କ ସାମାଜିକ ଆର୍ଥିକ ନିରାପତ୍ତା ପାଇଁ ୨୦୦୯ ମସିହାରେ ଥାନାରେ ବରିଷ୍ଠ ନାଗରିକ ସେଲ ଗଠନ କରାଯାଇଥିଲା। ଜଣେ ସବଇନ୍ସପେକ୍ଟର ପାହ୍ୟାର ଅଧିକାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ତାଙ୍କୁ ମଧ୍ୟ ଅନ୍ୟ କନେଷ୍ଟବଳମାନେ ସହଯୋଗ କରିବା ପାଇଁ ନିୟମ ରହିଛି। ଦାୟିତ୍ୱରେ ଥିବା ଉକ୍ତ ପୋଲିସ ଅଧିକାରୀଙ୍କୁ ସ୍ୱତନ୍ତ୍ର ମୋବାଇଲ ଫୋନ ମଧ୍ୟ ଦିଆଯାଇଛି। ମୋବାଇଲ ଆପ ମାଧ୍ୟମରେ ନାମ ପଞ୍ଜିକରଣ କରିବାକୁ ବ୍ୟବସ୍ଥା କରାଯାଇଛି। କିନ୍ତୁ ବର୍ତ୍ତମାନର ବାସ୍ତବ ସ୍ଥିତି ଅଲଗା। ଯେଉଁମାନେ ପରିଚୟପତ୍ର ପାଇଛନ୍ତି ସେମାନେ ଶିକ୍ଷିତ ବରିଷ୍ଠ ନାଗରିକ। କିନ୍ତୁ ଅନେକ ବରିଷ୍ଠ ନାଗରିକ ଅଛନ୍ତି ଏ ବିଷୟରେ ଆଜି ପର୍ଯ୍ୟନ୍ତ କିଛି ବି ଜାଣିନାହାନ୍ତି। ସେମାନଙ୍କ ପାଇଁ କୌଣସି ସଚେତନ କାର୍ଯ୍ୟକ୍ରମ ବି କରାଯାଇନାହିଁ। ଆହୁରି ମଧ୍ୟ ଏକୁଟିଆ ରହୁଥିବା ବରିଷ୍ଠ ନାଗରିକମାନଙ୍କ ଘରକୁ ନୋଡାଲ ପୋଲିସ ଅଫିସର ଯାଇ ସେମାନଙ୍କ ଅସୁବିଧା ସମ୍ପର୍କରେ ବୁଝିବା ଉଚିତ ଯାହା କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ ପ୍ରତ୍ୟେକ ମାସରେ ଥରୁଟିଏ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ବୈଠକ କରାଯିବା ଉଚିତ। ଉକ୍ତ ବୈଠକରେ ସେମାନଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିବା ପାଇଁ ନିୟମ ରହିଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ବୈଠକ ହୋଇନାହିଁ ବୋଲି ବରଷ୍ଠ ନାଗରିକମାନେ କହିଛନ୍ତି। ୨୦୧୬ ମସିହାରେ ପ୍ରତି ଥାନାରେ ଏହି ସେଲ ଖୋଲିବାକୁ ଓଡ଼ିଶା ପୋଲିସ ପକ୍ଷରୁ ଜିଲ୍ଲା ଏସପି ଓ ଡିଏସପିଙ୍କୁ ନିର୍ଦ୍ଦେଶ ରହିଥିଲା। ତେବେ ଖୋଦ କମିଶନରେଟ ପୋଲିସ ଅଧିନରେ ଥିବା ବରିଷ୍ଠ ନାଗରିକ ସେଲ ଏପରି ଭାବେ ପରିଚାଳିତ ହେଉଛି ଅନ୍ୟ ଅଞ୍ଚଳଗୁଡ଼ିକରେ ଏହା କିପରି କାର୍ଯ୍ୟକ୍ଷମ ହୋଇଥିବ ତାହା ଏଥିରୁ ବୁଝାପଡୁଛି।

ସବୁଆଡ଼େ ସିସିଟିଭି ଲାଗିଛି, କମିଶନିରେଟ ପୋଲିସ ପକ୍ଷରୁ ପାଟ୍ରୋଲିଂ ବି କରାଯାଉଛି, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସେଲ ବି ଖୋଲାଯାଇଛି, ଏପରିକି ସ୍ୱତନ୍ତ୍ର ପୋଲିସ ବି ଦାୟିତ୍ୱରେ ଅଛନ୍ତି। ତେବେ ମୋର ପ୍ରଶ୍ନ ଯଦି ଏତେ ସୁରକ୍ଷା ବ୍ୟବସ୍ଥା କରାଯାଇଛି ତେବେ ଆମେ ଆଜି ଅସୁରକ୍ଷିତ କାହିଁକି? ଯୋଜନା ହୋଇଛି ସତ କିନ୍ତୁ ଏହା ବାସ୍ତବରେ କାର୍ଯ୍ୟକାରୀ ହୁଏନାହିଁ। କେବଳ ଶିକ୍ଷିତ ଲୋକମାନଙ୍କୁ ଛାଡ଼ିଦେଲେ ଅନ୍ୟ ବିଶେଷ କରି ବସ୍ତି ବାସିନ୍ଦାମାନେ ଏ ବିଷୟରେ କିଛି ବି ଜାଣନ୍ତି ନାହିଁ। ବରିଷ୍ଠ ନାଗରିକମାନଙ୍କ ପାଇଁ ଯେଉଁ ସୁବିଧା କରାଯାଇଥିବା କଥା କୁହାଯାଉଛି ତାହା କେବଳ କାଗଜକଲମରେ ସୀମିତ ରହିଯାଇଛି। ବରିଷ୍ଠ ନାଗରିକଙ୍କ ପାଇଁ ନୂଆପଲ୍ଲୀ ବେହରାସାହି ଆଖପାଖରେ ପାର୍କଟିଏ ବି ନାହିଁ। କୌଣସି ଦିନ ପୋଲିସ ପକ୍ଷରୁ କେହି ବି ଦିନକ ପାଇଁ ଆସି ଆମ ସଂଘ ସହ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିନାହାନ୍ତି। କର୍ମଚାରୀ ଅଭାବ କହି ଏଡ଼ାଇ ଯାଉଛନ୍ତି। ବରିଷ୍ଠ ନାଗରିକଙ୍କ ପାଇଁ କଣ ସୁବିଧା ଅଛି ଅନେକ ଜାଣନ୍ତି ନାହିଁ। ନିକଟରେ ଜଣେ ଭଦ୍ର ବ୍ୟକ୍ତି କହୁଥିଲେ ଯେ ତାଙ୍କୁ ବସରେ ଗଲାବେଳେ କଣ୍ଡକ୍ଟର ପଚାରୁଥିଲେ ବରିଷ୍ଠ ନାଗରିକ କାର୍ଡ଼ ଅଛି କି? ମୁଁ ନାହିଁ କଲି। ସେ କହିଲେ ଯେ କାର୍ଡ଼ ଥିଲେ ତମଠାରୁ କମ ପଇସା ନେଇଥାନ୍ତୁ। କାର୍ଡ଼ ନାହିଁ ତ ଫୁଲ ଭଡ଼ା ଦିଅ। ଏ କାର୍ଡ଼ କିଏ କରୁଛି କୋଉଠି ହେଉଛି ମୁଁ ଜାଣିନାହିଁ। ବରିଷ୍ଠ ନାଗରିକଙ୍କ ପାଇଁ ଆନ୍ତରିକପୂର୍ଣ୍ଣ ଯୋଜନା ପ୍ରଶାସନ ହାତକୁ ନେଉ ଏବଂ ଏଥିରେ ସମସ୍ତଙ୍କ ସକ୍ରିୟ ଦାୟିତ୍ୱବୋଧତା ଅପରିହାର୍ଯ୍ୟ ଓ ଗୁରୁତ୍ୱପୂର୍ଣ୍ଣ।

♥ଫରିଦାବାଦ




## ଆସନ୍ତା କି ଫେରି

ପୁଷ୍ପାଞ୍ଜଳି ପଣ୍ଡା



ଦୁଃଖ ତ ଅସୀମ
ସାଗରର ସମ
ନୀତି ଆଖି ଭିଜୁଥାଏ ।
ମନତଳ ବ୍ୟଥା
କବିତାରେ କଥା
କହିଦେଲେ ସୁଖ ପାଏ ।

ବେଦନା ଲଭିଛି
ଯାତନା ପାଇଛି
ପାଇଛି କଣ୍ଟା ଆଘାତ ।
ଅବୁଝା ମନକୁ
ବୁଝାଇ ଦେବାକୁ
ଚେଷ୍ଟା ଚାଲେ ଅବିରତ ।

ଯେବେଠୁ ଆସିଲ
ହୃଦୟରେ ମୋର
ବଢିବଢ଼ି ଗଲା ସ୍ୱପ୍ନ ।
ଦିବସ ରଜନୀ
ଜଣା ତ ପଡେନି
ପ୍ରେମରେ ହୋଇଲା ମଗ୍ନ ।

ସଂସାର ଜଞ୍ଜାଳ
ସରିଗଲା ପରେ
ଆନମନା କର ମତେ ।
ମନେ ଭାବୁଥାଏ
ଆସନ୍ତା କି ଫେରି
ସୁଖ ଭରା ସ୍ମୃତି ଯେତେ ।

ଷ୍ଟାଟିଷ୍ଟିକାଲ ଅଫିସର.
କେନ୍ଦ୍ରାପଡ଼ା

## ତୁ ଓ ମୁଁ



ବିଶ୍ୱଜିତ୍ ପୁହାଣ

ନିଜର ନିଜର ପ୍ରତିଟି
ମୁହୂର୍ତ୍ତ ଲାଗୁଥିବ,
ହୁଏତ ତୁ ନଥିବୁ କି ମୁଁ ନଥିବି !
ସବୁ ସମୟର ସ୍ମୃତି ଲେଉଟି
ଆସୁ ଥିବ,
ହୁଏତ ତୁ ନଥିବୁ କି ମୁଁ ନଥିବି !
ଆଖିର ଲୁହ, ମନର କୋହ ସବୁ
କହି ଦେଉ ଥିବ,
ହୁଏତ ତୁ ନଥିବୁ କି ମୁଁ ନଥିବି !
କାସ୍ ମୋର ଏ ଲେଖନୀର କାଳି ତୁ
ହୋଇ ଥାଆନ୍ତୁ,
ତୋ ବିନା ମୁଁ ଅକାମ୍ୟ ସାଜନ୍ତି,
କାସ୍ ଏ ସମୟ ଏଇଠି ଅଟକି ଯାଉ,
ତୁ ମୋର ଓ ମୁଁ ତୋର ହୁଅନ୍ତି ।

ସ୍ନାତକୋତ୍ତର ଗ୍ରନ୍ଥାଗାର
ବିଜ୍ଞାନ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
ମୋ - ୮୦୧୮୪୩୫୩୬୪

## ମା ଏକ ଚଳନ୍ତି ବସୁଧା

ସୁରେନ୍ଦ୍ର ନାଥ ସାହୁ



ମା ନିଜେ ଭିନ୍ନ ଏକ
ଚଳନ୍ତି ବସୁଧା।
ସେ ଆମକୁ
ଜନ୍ମ ଦେବା ପାଇଁ
ସହିଛି ଅପାର ଅସହ୍ୟ ପୀଡ଼ା
ଭୋଗିଛି ଅନେକ
ହୃଦୟ ବିଦାରକ
ଝଡ ଝଞ୍ଜା
ବିଘ୍ନ ଆଉ ବାଧା।
ମା ସୁପୋଷଣର
ସଦାଶୟୀ ସ୍ୱୟଂ ସେବିକା।
ତ୍ୟାଗରେ
ଯେ ଦୁନିଆରେ
କିଏ ନାହିଁ ତା'ଭଳିକା।
ସେବା ସହାର୍ଦ୍ଦ ସହନରେ
ସେ ସ୍ୱୟଂ ସିଦ୍ଧା।
ନିଜ ଛାତିରୁ ନିଗାଡି
ଦେଇଛି ଆମକୁ ସିଏ
ସଞ୍ଜୀବନୀ ସୁଧା।
ତା'ହୃଦୟ
ମମତାର
ମହାନତମ ବିଜ୍ଞାନାୟନ।
ସଦାବେଳେ ଦେଖୁଥାଏ
ତାହାରି ନୟନ
ଆମ ସୁଖ ସମୃଦ୍ଧିର ସପନ।
ଆମେ ନଖାଇବା ଯାଏଁ
ସେ ଭୁଲି ଯାଇଥାଏ
ନିଜର ଭୋଜନ।
ଆମ ଫେରିବା ବାଟକୁ ଚାହିଁ
କରୁଥାଏ ସଦା ସିଏ
ବିଭୁ ସୁମରଣ।
ଆମ ଉନ୍ନତି ଦେଖିଲେ
ଖୁସିରେ ଚହକି ଯାଏ
ତାହାରି ବଦନ।
ଆମ ମୁଣ୍ଡର ବାଳ
ପାଚିଗଲେ ବି
ସେ ହିଁ ଏକ ଏମିତିକା ମଣିଷ
ଯିଏ କହୁଥାଏ
ମୋ ପିଲା 'ମୋ ପିଲା'
ଡାକୁଥାଏ
ଅଗାଧ ସରଧାରେ
ମୋ ବୋପା 'ମୋ ଧନ'।

କଳମ୍ବ (ଡିହସାହି)
ପୋଲସରା, ଗଞ୍ଜାମ- ୭୬୧୧୦୫
ମୋ: ୮୧୨୮୯୧୯୨୫୬

## ଅମ୍ରୀୟତା

ଲକ୍ଷ୍ମୀପ୍ରିୟା ମହାରଣା

ସମୟର ତୁହା ତୁହା ପବନରେ
ନିଃଶବ୍ଦର ଏକାନ୍ତ ସ୍ୱରରେ
ଆଞ୍ଜୁଳା ଆଞ୍ଜୁଳା ଦୁଃଖର
ସବୁଜିମାରେ
କିଛି ମୁଗ୍ଧ ଛନ୍ଦର ଲୟରେ
ଲାଲ୍ ଗୋଟେ ଜହ୍ନର ଛାଇରେ
ଅଦୃଶ୍ୟ ଈଶ୍ୱରଙ୍କ ଆଖିଠାର ଭଳି
ହୃଦୟର ଶ୍ୱେତ ଗଙ୍ଗାରେ
ଅକାଳରେ ସଞ୍ଚରିଲା ମଳୟ ମରୁତ

ଚେତନା ଓ ଆନନ୍ଦର ବିମୁଗ୍ଧ ଭାବରେ
ଜାଣେନାହିଁ ତାହା ବାସ୍ତବ
ନା ମାୟା ମରିଚିକା
ହୃଦୟର ଖୋଲା ହସ ଟିକକରେ
ମୋ ଅଜାଣତରେ ମୋ ମନର
ପରିଧି ଭିତରେ
ଉଙ୍କିମାରେ ତୁମର ଅମ୍ରୀୟତାର ସ୍ୱର୍ଶ

ତୁମ ଅମ୍ରୀୟତାକୁ ବିସ୍ମରି ଯିବାକୁ
କେବେ ସ୍ୱପ୍ନ ଦେଖିନି
ଅବା କଳ୍ପନା କରିନି
ସବୁ ସମ୍ପର୍କର ଉର୍ଦ୍ଧ୍ୱରେ ଆଉ ଏକ
ସମ୍ପର୍କ ଅଛି

ଯେଉଁଥିରେ ଦେବା ନେବା
ପାଇବାର କିଛି ସତ୍ତା ନାହିଁ
ସେହି ଯେ ସମ୍ପର୍କ
ତାର ସତ୍ତା ସଚିତ୍ର ବିଦିତ।

ଧନୁପାଲି, ସମ୍ବଲପୁର

## ସବୁଠୁ ପବିତ୍ର କ୍ଷେତ୍ର

ପ୍ରଦୀପ୍ତ କୁମାର ଦାସ

ମାଆର ପଣତ ପୋଛିଦେଇ ଥାଏ
ଦୁନିଆର ସବୁ ପାପ -
ମାଆର ଆଶିଷ ଧ୍ୱଂସ କରିଥାଏ
ସବୁତକ ଅଭିଶାପ,
ମାଆର ହସରେ ଶେଷ ହୋଇଯାଏ
ମହାପ୍ରଳୟର ଭୟ -
ମାତୃ ଭକ୍ତି ଶକ୍ତି ଥିଲେ ହୃଦୟରେ
ହଟିଯାଏ ପରାଜୟ,
ମାଆର ଛୁଆଁରେ ଥୁଣ୍ଟା ମନରେବି
ଗଜରେ ଆଶାର ପତ୍ର -
ମାଆର ହୃଦୟ ଅଟଇତ ଜାଣ
ସବୁଠୁ ପବିତ୍ର କ୍ଷେତ୍ର।
ଅଅଅ

ଓଡ଼ିଆ ବିଭାଗ, ଗୁରୁକୁଳ କରୁଣାକର
ବେଦ ସଂସ୍କୃତ ମହାବିଦ୍ୟାଳୟ,
ଦଶରଥପୁର, ଯାଜପୁର
ମୋ: ୮୫୯୪୮୮୫୮୯୮

## ମଇଳା ପାଣିରେ ବଢ଼ିଥିବା ମାଛକୁ ଖାଇଲେ କ୍ୟାନ୍ସର ଓ ବ୍ରେନ୍ ଷ୍ଟ୍ରୋକ୍ ହେବାର ସମ୍ଭାବନା: ରିସର୍ଚ୍ଚ



ଖାସକରି ମାଛ ଖାଇବାକୁ ପସନ୍ଦ କରୁଥିବା ଶାକାହାରୀ ଲୋକଙ୍କ ପାଇଁ ଆସିଛି ଏକ ବଡ଼ ଖବର, ଯାହା ଆପଣଙ୍କୁ ବିଚଳିତ କରିପାରେ । ତେବେ Environmental Working Group (EWG) ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ମଧୁର ଜଳରେ ଧରାଯାଉଥିବା ମାଛ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହୋଇପାରେ । ଏହି ରିପୋର୍ଟରେ ପ୍ରକାଶ ପାଇଛି ଯେ, ମଧୁର ଜଳ ମାଛ ଖାସକରି ଲାର୍ଗେମାଉଥ୍ ବ୍ୟାସ୍, ଲେକ୍ ଟ୍ରାଉଟ୍ କିମ୍ବା କ୍ୟାଟଫିସରେ ଏକ ବିଶେଷ ପ୍ରକାରର ରାସାୟନିକ ପଦାର୍ଥ ମିଳୁଛି । ଯାହାକୁ perfluorooctane sulfonic acid (PFOS) କୁହାଯାଏ । ଏହି ରାସାୟନିକ ପଦାର୍ଥ ମଧୁର ଜଳ ମାଛରେ ୨୭୮ ଗୁଣ ମିଳୁଛି । ଏହି ରାସାୟନିକ ଏତେ ବିପଜ୍ଜନକ ଯେ, ଏହା କ୍ୟାନ୍ସର ଏବଂ ଅନ୍ୟାନ୍ୟ ଗୁରୁତର ରୋଗ ମଧ ସୃଷ୍ଟି କରିପାରେ । ଇଡବ୍ଲୁଜିର ରିପୋର୍ଟ ଅନୁଯାୟୀ, ଯଦି ଆମେରିକାର ମିଠା ନଦୀ ଏବଂ ପୋଖରୀରେ ମିଳୁଥିବା ମାଛ ଖିଆଯାଏ, ତେବେ ଗୋଟିଏ ମାଛ ଏକ ମାସର ମଇଳା ପାଣି ସହିତ ସମାନ ହୋଇପାରେ। ଏହି ଅପରିଷ୍କାର ଜଳ ପିଏଫଓଏସ ସହିତ ଦୂଷିତ ଜଳ ସହିତ ସମାନ ହୋଇପାରେ । ଏହା ଏକ ଟ୍ରିଲିୟନରେ ହାରାହାରି ୪୮ ଗୁଣ ସହିତ ସମାନ । ଆମେରିକାର ପରିବେଶ ସୁରକ୍ଷା ଏଜେନ୍ସି (ଇପିଏ) ଦ୍ୱାରା ସଂଗୃହିତ ତଥ୍ୟରୁ ଜଣାପଡିଛି ଯେ, ପିଏଫଓଏସ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥର ହାରାହାରି ପରିମାଣ ପିଏଫଏଏସ ରୂପରେ ରହିଛି । ବ୍ୟବସାୟିକ ଆଧାରରେ ଧରାଯାଇଥିବା ମାଛ ଅପେକ୍ଷା ମଧୁର ଜଳ ମାଛରେ Perfluorinated alkylated ପଦାର୍ଥ ୨୮୦ ଗୁଣ ଅଧିକ ରାସାୟନିକ ଥିଲା । ନ୍ୟୁୟର୍କର ରେନ୍ସଲର ପଲିଟେକ୍ନିକ୍ ଇନଷ୍ଟିଚ୍ୟୁଟର ଜୈବ ବିଜ୍ଞାନର ସହଯୋଗୀ ପ୍ରଫେସର ଡକ୍ଟର କେଭିନ୍ ସି ରୋଜ ହେଲ୍ଥଲାଇନକୁ କହିଛନ୍ତି ଯେ ପାଇକ, ଟ୍ରାଉଟ୍ ଏବଂ ବାସ୍ ପରି ମଧୁର ଜଳ ମାଛରେ ଉଚ୍ଚ ଲୁଣିଆ ମାଛରେ ରାସାୟନିକ ପଦାର୍ଥ ଅଧିକ ରହିଛି ।ଲୁଣିଆ ମାଛରେ ବିଶେଷତଃ ଟୁନା ମାଛରେ ମଧ ଉଚ୍ଚ ସ୍ତରର ମର୍କରୀ ମିଳିଥାଏ ।

## ତ୍ୱଚା ପାଇଁ କେତେ ଉପକାରୀ ମସୁର ଡାଲି

ସୁନ୍ଦର ଦେଖାଯିବା ପାଇଁ କିଏ ବା ନ ଚାହେଁ। ସମସ୍ତେ ସୁନ୍ଦର ଦେଖାଯିବା ପାଇଁ ଅନେକ ଉପାୟ ଆପଣାଇଥାନ୍ତି। ତ୍ୱଚାର ଚମକ ବଢ଼ାଇବା ପାଇଁ କିଏ କସମେଟିକର ସହାୟତା ନିଅନ୍ତି ତ ଆଉ କିଏ ଘରୋଇ ଉପଚାରର। ଏଭଳି ଏକ ଘରୋଇ ଉପଚାର ହେଉଛି ମସୁର ଡାଲି। ମସୁର ଡାଲିକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଉଜ୍ଜଳତା ବଢ଼ିବା ସହ ସୁନ୍ଦରତା ଦ୍ୱିଗୁଣ ହୋଇଯିବ। ଏଥିସହ ତ୍ୱଚା ନରମ ମଧ କରିଥାଏ। ତେବେ ଆସନ୍ତୁ ଜାଣିବା ଏହାକୁ କିଭଳି ବ୍ୟବହାର କରିବେ..

ମସୁର ଡାଲିକୁ ବାଟି ଏଥିରେ ମହୁ ଏବଂ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ୧୫ରୁ ୨୦ ମିନିଟ ଯାଏଁ ମୁହଁରେ ଲଗାନ୍ତୁ। ପରେ ଧୀରେ ଧୀରେ ମସାଜ କରନ୍ତୁ। ଏହାପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଆପଣ ଚାହିଁଲେ ଏଥିରେ କ୍ଷୀର ମିଶାଇ ମଧ ଲଗାଇ ପାରିବ। ସପ୍ତାହରେ ୨ ଥର ଏହି ଫେସ ପ୍ୟାକକୁ ଲଗାଇଲେ ରିଙ୍କଲ୍ସ ଦୂର ହେବା ସହ ମୁହଁର ଉଜ୍ଜଳତା ବଢ଼ିଥାଏ।

ଏକ ଚାମଚ ମସୁର ଡାଲି ଗୁଣ୍ଡରେ ଦୁଇ ଚାମଚ କ୍ଷୀର ମିଶାଇ ଏକ ମିଶ୍ରଣ ତିଆରି କରନ୍ତୁ। ଯଦି ଆପଣଙ୍କ ବ୍ରଣ ସମସ୍ୟା ଥାଏ ତେବେ ଏଥିରେ ଏକ ଚୁଟକି ହଳଦୀ ମିଶାଇ ପାରିବ। ଏହି ମିଶ୍ରଣକୁ ମୁହଁରେ ୧୦ରୁ ୧୫ ମିନିଟ ଯାଏ ଲଗାଇ ରଖନ୍ତୁ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଯଦି ମୁହଁରେ କିଛି କଳା ଦାଗ ଥାଏ ତେବେ ଏହାକୁ ଦୂର କରିବା ପାଇଁ ମସୁର ଡାଲିକୁ ବାଟି ସେଥିରେ ଦେଶୀ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏଥିରେ ଆପଣ ଚାହିଁଲେ ମହୁ ମଧ ମିଶାଇ ପାରିବ। ଓ କ୍ଷୀରକୁ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ଓ ବେକରେ ଲଗାନ୍ତୁ। ପରେ ଏହାକୁ ଥଣ୍ଡା ପାଣିରେ ସଫା କରି ଦିଅନ୍ତୁ। ଦେଖିବେ ତ୍ୱଚା ପୁଣି ସତେଜ ହୋଇଯିବ।

## ଡାଇବେଟିସ୍ ନିୟନ୍ତ୍ରଣ କରେ ଫୁଲକୋବି



ଫୁଲ କୋବି ଏକ ଏଭଳି ପରିବା ଯାହାକୁ ସମସ୍ତେ ପସନ୍ଦ କରିଥା'ନ୍ତି । ଶୀତଦିନ ଆସିଲେ ସମସ୍ତଙ୍କ ଘରେ ଫୁଲକୋବିର ଚାହିଦା ବଢ଼ିଯାଏ । ସମସ୍ତେ ତରକାରୀ କିମ୍ବା ଏଥିରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ତିଆରି କରି ଖାଇଥା'ନ୍ତି । ଫୁଲକୋବି ଖାଇବା ପାଇଁ ସୁଆଦିଆ ହେବା ସହ ଏହା ଶରୀର ପାଇଁ ଲାଭଦାୟକ ମଧ ହୋଇଥାଏ । ତେବେ ଆସନ୍ତୁ ଜାଣିବା ଫୁଲକୋବି ଖାଇବା ଦ୍ୱାରା ଶରୀରକୁ କ'ଣ ସବୁ ଲାଭ ମିଳିଥାଏ ।

ଫୁଲକୋବି କମ୍ କ୍ୟାଲୋରୀ ଯୁକ୍ତ ଏବଂ ଏଥିରେ ଭିଟାମିନ ଭରପୁର ମାତ୍ରାରେ ରହିଛି। ଶରୀରକୁ ଆବଶ୍ୟକ ଥିବା ସମସ୍ତ ମିନେରାଲ୍ସ ଏବଂ ଭିଟାମିନ ଏଥିରୁ ମିଳିଯାଏ। ଏକ କପ୍ ଫୁଲକୋବିରେ ୭୭ %ଭିଟାମିନ୍ ସି, ୨୦ % ଭିଟାମିନ୍ କେ, ୧୪ % ଫୋଲେଟ୍, ୯ % ପୋଟାସିୟମ୍ ଏବଂ ୮ % ମାଙ୍ଗାନିଜ୍ ଥାଏ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଏବଂ ଶରୀରକୁ ସୁସ୍ଥ ରଖିବା ପାଇଁ ଏ ସମସ୍ତ ପୋଷକ ତତ୍ତ୍ୱର ଆବଶ୍ୟକତା ରହିଛି।



ଫୁଲକୋବିରେ ଗ୍ଲୁକୋସିନୋଲେଟସ ଏବଂ ଆଇସୋଥିୟୋସାଇନେଟ ଅଛି। ଉଭୟ ଆଣ୍ଟିଅକ୍ସିଡେଣ୍ଟ କ୍ୟାନସର ଭଳି ମାରାତ୍ମକ କୋଷକୁ ବଢ଼ିବାରେ ରୋକିଥାଏ। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଗ୍ଲୁକୋସିନୋଲେଟ୍ସ ଏବଂ ଆଇସୋଥାଇଓସିଆନେଟ୍ କୋଲନ୍, ଫୁସଫୁସ, ସ୍ତନ ଏବଂ ପ୍ରୋଷ୍ଟେଟ୍ କ୍ୟାନସର ଉପରେ ଫୁଲକୋବି ବେଶ ପ୍ରଭାବ ପକାଇଥାଏ।

ଫୁଲକୋବିରେ ପ୍ରଚୁର ମାତ୍ରାରେ ଫାଇବର ରହିଛି। ଏହା ଶରୀରରେ ସୁସ୍ଥ ବ୍ୟାକ୍ଟେରିଆକୁ ବୃଦ୍ଧି କରିଥାଏ ଏବଂ ହଜମ ଶକ୍ତି ବଢ଼ାଇଥାଏ। ଫୁଲକୋବିରେ ପର୍ଯ୍ୟାପ୍ତ ପରିମାଣର ଫାଇବର ଥିବା ଯୋଗୁଁ କୋଷ୍ଠକାଠିନ୍ୟ, ଡାଇଭର୍ଟିକୁଲାଇଟିସ୍ ଭଳି ସମସ୍ୟା ଦୂର ହୋଇଥାଏ।

ଫୁଲକୋବିରେ ଭିଟାମିନ-ସି ରହିଛି। ଏହା ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ରୂପେ କାମ କରେ। ଏହାର ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଯାହା ଶରୀରକୁ ରୋଗ ବିରୁଦ୍ଧରେ ଲଢ଼ିବାକୁ ସାହାଯ୍ୟ କରେ।

ଫୁଲକୋବି ଓଜନ ହ୍ରାସ କରିବାରେ ମଧ ସହାୟକ ହୁଏ। ଏଥିରେ ବହୁତ କମ୍ ମାତ୍ରାରେ କ୍ୟାଲୋରୀ ଥାଏ, ତେଣୁ ଆପଣ ଏହାକୁ ପ୍ରଚୁର ପରିମାଣରେ ଖାଇପାରିବେ। ଫୁଲକୋବିରେ ଫାଇଭର ଭରପୁର ମାତ୍ରାରେ ଥିବାରୁ ଏହାକୁ ଖାଇବା ପରେ ଶୀଘ୍ର ଭୋକ ଲାଗି ନଥାଏ। ଏଥିରେ ଜଳୀୟ ପଦାଥ ମଧ ପ୍ରଚୁର ମାତ୍ରାରେ ଅଛି, ଯାହା ଓଜନ ହ୍ରାସ କରିବାରେ ପ୍ରଭାବଶାଳୀ ହୋଇଥାଏ।

ମଧୁମେହ ବା ଡାଇବେଟିସ କଣ୍ଟ୍ରୋଲ କରିବା ସହ କିଡନୀ ରୋଗର ଆଶଙ୍କାକୁ କମ କରିଥାଏ ଫୁଲକୋବି। କେବଳ ସେତିକି ନୁହେଁ ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଟ୍ୟୁମର ଭଳି ସମସ୍ୟାକୁ ବଢ଼ିବାରେ ରୋକିଥାଏ । ଉଚ୍ଚ ରକ୍ତଚାପକୁ ମଧ ନିୟନ୍ତ୍ରଣ ରଖିଥାଏ।

## ତୈଳାକ୍ତ ତ୍ୱଚା ଏବଂ ମୁଖ କୁଞ୍ଚନରୁ ଦୂରେଇ ରଖିବ ଧନିଆପତ୍ର



ପ୍ରତିଦିନର ଖାଦ୍ୟରେ ବ୍ୟବହାର ହେଉଥିବା ଧନିଆ ପତ୍ରର ସ୍ୱାସ୍ଥ୍ୟ ପ୍ରତି ଖୁବ୍ ହିତକାରକ । ଏଥିରେ ଥିବା ଆଣ୍ଟି-ଅକ୍ସିଡେଣ୍ଟସ୍ , ବିଟା କେରୋଟିନ୍ , ଭିଟାମିନ୍ ସି ଏବଂ ଫୋଲେଟତ୍ତ୍ୱଚର ପାଇଁ ରାମବାଣ ପରି କାମ କରିଥାଏ । ଧନିଆ ପତ୍ରରେ ଆଣ୍ଟି-ଫଙ୍ଗଲ୍ ତତ୍ତ୍ୱ ଥାଏ ଯାହା ସ୍କିନ୍ ଇନଫେକ୍ସନ୍ ହେବାରୁ ବଂଚାଇଥାଏ । ଏତଦ୍ ବ୍ୟତୀତ ବଢୁଥିବା ବୟସର ପ୍ରଭାବକୁ ବି ଦୂର କରିବା ପାଇଁ ଏହା ଖୁବ୍ ସାହାଯ୍ୟ କରିଥାଏ । ତୈଳାକ୍ତ ତ୍ୱଚା ପାଇଁ ଧନିଆ ପତ୍ର ଖୁବ୍ ଲାଭକାରୀ ହୋଇଥାଏ । ଏହା ତ୍ୱଚାରୁ ଅତିରିକ୍ତ ତୈଳକୁ ଶୁଖାଇ ଦେଇଥାଏ । ଏହି କାରଣରୁ ଚେହେରାରେ ଦାଗ , କୁଞ୍ଚନ ମଧ ପଡିନଥାଏ । ଧନିଆରୁ ପ୍ରସ୍ତୁତ ଫେସପ୍ୟାକ୍ ତ୍ୱଚା ପାଇଁ ଖୁବ୍ ଲାଭକାରୀ ହୋଇଥାଏ । ଚେହେରାକୁ ଉଜ୍ଜଳ ଏବଂ ଅଏଲ୍ ଫ୍ରି କରିବା ପାଇଁ ଧନିଆରେ ପତ୍ରକୁ ବାଟି ଏଥିରେ ଘିକୁଆଁରୀ ରସ ଏବଂ ଲେମ୍ବୁ ଭଲ ଭାବେ ମିଳାଇ ଦିଅନ୍ତୁ । ଏବେ ଏହି ମିଶ୍ରଣକୁ ଭଲ ଭାବେ ଚେହେରାରେ ଲଗାଇ ଦିଅନ୍ତୁ । ଏହି ମିଶ୍ରଣକୁ ଅଧଘଣ୍ଟା ପର୍ଯ୍ୟନ୍ତ ଶୁଖିବା ପାଇଁ ଛାଡିଦିଅନ୍ତୁ । ପରେ ଥଣ୍ଡା ପାଣିରେ ମୁହଁ ଧୋଇନିଅନ୍ତୁ । ଏହି ପ୍ୟାକ୍ ରେ ମୁଖକୁଞ୍ଚନ ପଡିନଥାଏ । ଧନିଆକୁ ଚାଉଳ ଗୁଣ୍ଡ ସହ ମିଶାଇ ଲଗାଇଲେ ମଧ ଫାଇଦା ମିଳିଥାଏ । ଏହା ତ୍ୱଚା ପାଇଁ ଏକ୍ସଫୋଲିଏଟର୍ ଭଳି କାମ କରିଥାଏ । ୧ କପ୍ ଧନିଆ ପତ୍ର ବାଟି ଏଥିରେ ୨ ଚାମଚ ଚାଉଳ ଗୁଣ୍ଡ ଏବଂ ଗୋଟିଏ ଲେମ୍ବୁ ମିଶାନ୍ତୁ ଏବଂ ଚେହେରାରେ ଲଗାଇ ଶୁଖିଲା ପରେ ଧୋଇ ନିଅନ୍ତୁ ।

## ଅତ୍ୟଧିକ ଚା' ଓ ଦାନ୍ତ କ୍ଷୟ

ମନକୁ ଟିକେ ହାଲକା କରିବା ପାଇଁ ଅମେ ଚା' କିମ୍ବା କଫି ପିଇଥାଉ। କିନ୍ତୁ ଏହା ଯଦି ଅଭ୍ୟାସରେ ପରିଣତ ହୁଏ ଏବଂ ଜଣେ ବ୍ୟକ୍ତି ଦିନକୁ ଅଧିକ ଥର ଚା' ପିଅନ୍ତି ତେବେ ତାହାର ପ୍ରଭାବ ଦାନ୍ତ ଉପରେ ପଡ଼ିଥାଏ। ଆବଶ୍ୟକତାଠାରୁ ପ୍ରତିଦିନ ଅଧିକ ଥର ଚା' ପିଇଲେ ଦାନ୍ତ କ୍ଷୟ ହେବା ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି ବୈଜ୍ଞାନିକମାନେ । ପ୍ରତିଦିନ ଅତିକମ୍‌ରେ ୧୦/୧୨ଥର ଚା'ପିଇଲେ ତାହାର ପ୍ରଭାବ କେବଳ ଦାନ୍ତ ନୁହେଁ ଅସ୍ଥି ଉପରେ ମଧ୍ୟ ପଡ଼ିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## କ୍ଷୀର ନୁହେଁ ଏଠି ଶିବ ଲିଙ୍ଗ ଉପରେ ଭକ୍ତ ଚଢାନ୍ତି ଜୀବନ୍ତ କଙ୍କଡା, ଆସନ୍ତୁ ଜାଣିବା କାହିଁକି



ଦେବ ଦେବ ମହାଦେବ। ଆଉ ଆଗକୁ ଆସୁଛି ମହାଶିବରାତ୍ରୀ। କୁହାଯାଏ ମହାଦେବଙ୍କୁ ସନ୍ତୁଷ୍ଟ କରେଇଲେ ସୁ ଫଳ ପ୍ରାପ୍ତି ହେଇଥାଏ । ଯାହା ପାଇଁ ପ୍ରତିଦିନ ଭକ୍ତ ଭଗବାନ ଶିବଙ୍କ ମନ୍ଦିରକୁ ଯାଇ ଜଳ ଅର୍ପଣ କରନ୍ତି। କ୍ଷୀର, ଫୁଲ, ମିଠା ଇତ୍ୟାଦି ଅର୍ପଣ କରିବା ସହିତ ଭଗବାନ ଶିବଙ୍କ ଆଶୀର୍ବାଦ ନିଅନ୍ତି । କିନ୍ତୁ ଭାରତରେ ଏପରି କିଛି ମନ୍ଦିର ଅଛି ଯାହା ବିଷୟରେ ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ। ଗୁଜରାଟରେ ଏପରି ଏକ ଶିବ ମନ୍ଦିର ଅଛି, ଯେଉଁଠାରେ ଭକ୍ତମାନେ ଶିବଙ୍କ ଉପରେ କ୍ଷୀର ନୁହେଁ ବରଂ ଜୀବନ୍ତ କଙ୍କଡା ଅର୍ପଣ କରନ୍ତି। ଆପଣଙ୍କୁ ଏହି କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବା କିନ୍ତୁ ଏହି କଥା ସତ୍ୟ ତେବେ ଆସନ୍ତୁ ଜାଣିବା କାହିଁକି ଏଭଳି କରନ୍ତି ଭକ୍ତ ?

ଗୁଜୁରାଟର ସୁରଟ ଜିଲ୍ଲାର ଭକ୍ତମାନେ ଭଗବାନ ଶିବଙ୍କୁ ପୂଜା କରିବାର ଏକ ନିଆରା ଉପାୟ ଅବଲମ୍ବନ କରନ୍ତି । ଭଗବାନ ଶିବଙ୍କୁ ଉତ୍ସର୍ଗୀକୃତ ଏକ ମନ୍ଦିରରେ ଭକ୍ତଙ୍କ ପ୍ରାର୍ଥନା କରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଭିଡିଓରେ ଦର୍ଶାଯାଇଛି ଯେ ଭକ୍ତମାନେ ମନ୍ଦିରରେ ଶିବଲିଙ୍ଗ ଉପରେ ଜୀବନ୍ତ କଙ୍କଡା ରଖିଛନ୍ତି ।ଏହି କ୍ଲିପ୍‌ରେ ଜଣେ ମହିଳା ମଧ ତାଙ୍କ ବ୍ୟାଗରୁ ଏକ ଜୀବନ୍ତ କଙ୍କଡା ବାହାର କରି ଭଗବାନଙ୍କ ନିକଟରେ ଉତ୍ସର୍ଗ କରୁଥିବା ନଜର ଆସିଛନ୍ତି।



ଭିଡିଓ ଶେଷରେ, ଆପଣ ଦେଖିପାରିବେ ଯେ କିଛି ଲୋକ ହାତରେ ଜୀବନ୍ତ କଙ୍କଡା ଧରି କ୍ୟାମେରାକୁ ଦେଖାଉଛନ୍ତି । ମନ୍ଦିରରେ ବହୁତ ଭିଡ଼ ଅଛି ଏବଂ ଲୋକମାନେ ଭକ୍ତି ସହିତ ଦର୍ଶନ ପାଇଁ ପହଞ୍ଚୁଛନ୍ତି । ପରବର୍ତ୍ତୀ ଟ୍ୱିଟ୍‌ରୁ ଜଣାପଡିଛି ଯେ ସୁରଟର ରାମନାଥ ଶିବ ଗେଲା ମନ୍ଦିରରେ ଭକ୍ତଙ୍କ ଦ୍ୱାରା ଦିଆଯାଇଥିବା କଙ୍କଡା ଗୁଡିକୁ ରୀତିନୀତି ପରେ ତାପି ନଦୀରେ ଛାଡି ଦିଆଯାଇଥିଲା। ଏଠାରେ, ଜଣେ ଭକ୍ତ ଫାଲଗୁନି ଜୀବନ୍ତ କଙ୍କଡା ରଖିବାର ପରମ୍ପରା ବିଷୟରେ କହିଥିଲେ ଯେ ଲୋକମାନେ ବିଶ୍ୱାସ କରନ୍ତି ଯେ ଯଦି ଆପଣ ଜୀବନ୍ତ କଙ୍କଡା ପ୍ରଦାନ କରନ୍ତି, ତେବେ କାନ ସମସ୍ୟାରୁ ଉପଶମ ହୋଇପାରିବ। ଅନ୍ୟ ଜଣେ ଭକ୍ତ କହିଛନ୍ତି, "ଜୀବନ୍ତ କଙ୍କଡା ଅର୍ପଣ କରିବାର ଅଭ୍ୟାସ ବର୍ଷକୁ ଥରେ କରାଯାଇଥାଏ। ବିଶ୍ୱାସ କରାଯାଏ ଯେ ଭଗବାନ ଶିବଙ୍କୁ ଜୀବନ୍ତ କଙ୍କଡା ଅର୍ପଣ କରିଲେ ପିଲାମାନଙ୍କ ଠାରେ କୌଣସି କାନ କିମ୍ବା କାନ ସମ୍ବନ୍ଧୀୟ ସମସ୍ୟା ହୁଏ ନାହିଁ।"

## ଗାଢ଼ ରଙ୍ଗର ତ୍ୱଚା ପାଇଁ ସନସ୍କ୍ରିନ୍

ଖରାକୁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ତ୍ୱଚାର ସୁରକ୍ଷା ପାଇଁ ସନସ୍କ୍ରିନ୍ ଆବାମ୍ୟକ କରିଥାନ୍ତି । ପ୍ରାୟ ସମୟରେ ଦେଖାଯାଏ ଗାଢ଼ ରଙ୍ଗର ତ୍ୱଚାରେ ସନସ୍କ୍ରିନ୍ ବ୍ୟବହାର ଦ୍ୱାରା ଏକପ୍ରକାର ଧଳା ଦାଗ ହୋଇଯାଉଛି ଯାହା ସାବୁନରେ ଧୋଇବା ପରେ ହିଁ ଛାଡ଼ିଥାଏ । ଏବେ ବିଶେଷକରି ଏହି ରଙ୍ଗର ତ୍ୱଚା ପାଇଁ ୟୁଭିଏ ଏବଂ ୟୁଭିବି ପ୍ରତିରୋଧକ ସାମଗ୍ରୀରେ 'ବ୍ଲାକ ଗାର୍ଲ ସନସ୍କିନ୍' ପ୍ରସ୍ତୁତ କରାଯାଇଛି ଯାହାକୁ ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍‌ସ ଆଡମିନିଷ୍ଟ୍ରେସନ ଅନୁମୋଦନ ପ୍ରଦାନ କରିଛି ।



# ଅଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ରାଜ୍ୟସ୍ତରୀୟ କନ୍‌ଭେନସନ୍ ଅନୁଷ୍ଠିତ

ଭୁବନେଶ୍ୱର, ୨୪/୦୧ (ନି.ପ୍ର): ଏ.ଆଇ.ଟି.ୟୁ.ସି. ସଂଯୁକ୍ତ ନିଖିଳ ଓଡ଼ିଶା ଅଙ୍ଗନୱାର୍ଡି କର୍ମୀସଂଘର ରାଜ୍ୟ ସ୍ତରୀୟ କନ୍‌ଭେନ୍‌ସନ୍ ଏ.ଆଇ.ଟି.ୟୁ.ସି.ର ରାଜ୍ୟ ସଭାପତି ତଥା ନିଖିଳ ଓଡ଼ିଶା କର୍ମୀସଂଘର ରାଜ୍ୟ ସଭାପତି ଅଶୋକ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଅଙ୍ଗନୱାର୍ଡି କର୍ମୀ, ମିନିକର୍ମୀ ଓ ସହାୟିକାଙ୍କ ସମେତ ସମସ୍ତ ସ୍କିମ୍ ୱାର୍କରଙ୍କୁ ୱାର୍କର ମାନ୍ୟତା, ମାସିକ ସର୍ବନିମ୍ନ ମପଜୁରୀ ୨୬ ହଜାର ଟଙ୍କା ସମେତ ସାମାଜିକ ନିରାପ । ପ୍ରଦାନ ସମେତ ବିଭିନ୍ନ ଦାବିରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ସମନ୍ୱୟ କମିଟି ଆହ୍ୱାନରେ ରାଜ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧ ଓ ୨ ଫେବୃୟାରୀ ଅହୋରାତ୍ର ଗଣଧାରଣାକୁ ସଫଳ କରିବା ପାଇଁ ନିଷ୍ପତି କରାଯାଇଛି । ସେହିଭଳି ହିତାଧିକାରୀଙ୍କୁ କେଶ୍ ଟ୍ରାନ୍ସଫର ଆଳରେ ସ୍ୱଳ୍ପ ଟଙ୍କା ଦେଇ ଅସାଧୁ ବେପାରୀଙ୍କ ଦ୍ୱାରା ହିତାଧିକାରୀ ଶୋଷଣ କରିବାର ଷଡ଼ଯନ୍ତ୍ରକୁ ଏହି ବୈଠକରେ ଦୃଢ ନିନ୍ଦା କରାଯାଉଛି । ଅଙ୍ଗନୱାଡ଼ି କାର୍ଯ୍ୟକର୍ତ୍ରୀ ମାନଙ୍କୁ ୨୦୧୭ ମସିହାଠାରୁ ଆଉ ଭତା ବୃଦ୍ଧି ନ କରି କାର୍ଯ୍ୟଭାର ବଢାଇ ଚାଲିଥିବାରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି । ପୋଷଣ ଟ୍ରାକର ନାମରେ ଅଙ୍ଗନୱାର୍ଡି ମହିଳା କର୍ମୀଙ୍କୁ ୨୪ ଘଂଟିଆ ସନ୍ଦେହ ନଜରରେ ରଖି ତାଙ୍କ ମାନବୀୟ ଅଧିକାର କ୍ଷୁର୍ଣ୍ଣ କରାଯାଉଛି । ପୋଷଣ ଟ୍ରାକର ବାବଦରେ ମାସିକ ଦେୟ ଦିଆଯାଉନାହିଁ । ନିମ୍ନମାନର ମୋବାଇଲ୍ ଦେଇ ୨୪ ଘ । ସନ୍ଦେହ ନଜରରେ ରଖିବା ଘଟଣାରେ ଅଙ୍ଗନୱାଡି କର୍ମୀମାନଙ୍କୁ ମାନସିକ ନିର୍ଯ୍ୟାତନା ଦିଆଯାଉଛି । ଶତ ପ୍ରତିଶତ ପଦୋନ୍ନତି ଭିତିରେ ଅଙ୍ଗନୱାଡି ପରିବାର ଭିତରୁ ସୁପରଭାଇଜର ନିଯୁକ୍ତି ଓ ଅନ୍ୟାନ୍ୟ ସାମାଜିକ ନିରାପତା ଦାବିରେ ଓଡ଼ିଶା ରାଜ୍ୟ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ଦାବି ପୂରଣ ପର୍ଯ୍ୟନ୍ତ ଅହୋରାତ୍ର ଧାରଣା ଦେବାପାଇଁ ଦୃଢ ଆହ୍ୱାନ ଦିଆଯାଇଛି । ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ସାଧାରଣ ସମ୍ପାଦକ ହର ପ୍ରିୟା ସ୍ୱାଇଁ ଅଙ୍ଗନୱାଡି କାର୍ଯ୍ୟକର୍ତୀମାନଙ୍କ ଅସୁମାରୀ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିବା ବେଳେ ସଂଘ କାର୍ଯ୍ୟକାରୀ ସଭାପତି ବିଜୟ ଜେନା ୱାର୍କର, ମିନି ୱାର୍କର ଓ ସହାୟକମାନଙ୍କ ସମସ୍ୟା ସମାଧାନ ପାଇଁ ବିଭିନ୍ନ ଦାବି ଓ ଆନ୍ଦୋଳନର କୌଶଳ ସମ୍ପର୍କରେ ସୂଚନା ଦେଇଥିଲେ । ଏ.ଆଇ.ଟି.ୟୁ.ସି. ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଏହି ସଂଗଠନର କଳେବର ୩୪୦ ପ୍ରକଳ୍ପକୁ ସମ୍ପ୍ରସାରଣ ପାଇଁ ଆହ୍ୱାନ ଦେଇଥିଲେ । ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ରାଜ୍ୟ ଉପସାଧାରଣ ସମ୍ପାଦକ ପ୍ରତିଭା ପାଲ୍, ବିଷ୍ଣୁପ୍ରିୟା ଜେନା, ପୁଷ୍ପାଞ୍ଜଳି ସାହୁ, ସୌଦାମିନୀ ଦାଶ, ଲକ୍ଷ୍ମୀପ୍ରିୟା ମହାପାତ୍ର, ନର୍ମଦା ନାହାକ, ଅଞ୍ଜନ ପଣ୍ଡା, ଜ୍ୟୋସ୍ନାମୟୀ ସାମନ୍ତରାୟ, ପଙ୍କଜିତା ଶବର, ଲକ୍ଷ୍ମୀପ୍ରିୟା ଦାସ, ସଂଯୁକ୍ତା ସିଂହ, କମଳା ବାତ୍ରା, କମଳା ମୁର୍ମୁ, ମଳୟ ମଞ୍ଜରୀ ଜେନା, ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ ।

# ବର୍ଷେ ହେଲା ପଡ଼ିରହିଛି ତୃତୀୟଲିଙ୍ଗୀ ନୀତି



ଭୁବନେଶ୍ୱର, ୨୪/୦୧ (ନି.ପ୍ର): ୨୦୨୧ ମସିହାରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ(ଏସ୍‌ଏସ୍‌ଇପିଡି) ବିଭାଗ ରାଜ୍ୟରେ ଥିବା ତୃତୀୟଲିଙ୍ଗୀ ପାଇଁ ଏକ ଚିଠା ନୀତି ପ୍ରସ୍ତୁତ କରିଥିଲେ । ତୃତୀୟଲିଙ୍ଗୀଙ୍କ ପାଇଁ କାମ କରୁଥିବା ବିଭିନ୍ନ ସଂସ୍ଥା, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ବିଶେଷଜ୍ଞମାନଙ୍କ ମତାମତକୁ ନେଇ ନେଇ ଏହି ନୀତି (ଷ୍ଟେଟ୍ ପଲିସି ଅଫ ଟ୍ରାନ୍ସଜେଣ୍ଡର ପର୍ସନ) ପ୍ରସ୍ତୁତ ହୋଇଥିଲା । ମାତ୍ର ଇତିମଧ୍ୟରେ ବର୍ଷେ ହେଲାଣି, ଅଥଚ ଏହି ନୀତି କ୍ୟାବିନେଟ୍‌କୁ ଆସିପାରୁନାହିଁ ।

ନାସନାଲ ଲିଗାଲ ସର୍ଭିସ୍ ଅଥରିଟି ବନାମ ୟୁନିୟନ୍ ଅଫ ଇଣ୍ଡିଆ ମାମଲାରେ ସୁପ୍ରିମକୋର୍ଟ ତୃତୀୟଲିଙ୍ଗୀଙ୍କ ପାଇଁ ଏକ ଗୁରତ୍ୱପୂର୍ଣ୍ଣ ରାୟ ଦେଇଥିଲେ । ଏଥିରେ ତୃତୀୟ ଲିଙ୍ଗୀ ମାନ୍ୟତା କଥା କୁହାଯାଇଥିଲା । ପରେ କେନ୍ଦ୍ର ସରକାର ୨୦୧୯ ମସିହାରେ ଟ୍ରାନ୍ସଜେଣ୍ଡର ପର୍ସନ(ଅଧିକାରର ସୁରକ୍ଷା)ଆଇନ ଆଣିଥିଲେ । ଏହି ଆଧାରରେ ଏସ୍‌ଏସ୍‌ଇପିଡି ପକ୍ଷରୁ ରାଜ୍ୟରେ ଚିଠା ନୀତି ପ୍ରସ୍ତୁତ କରାଯାଇ ମତାମତ ଲୋଡ଼ା ଯାଇଥିଲା । ମୁଖ୍ୟ ଉଦ୍ଦେଶ୍ୟ ଥିଲା, ତୃତୀୟଲିଙ୍ଗୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା । ତେବେ ରାଜ୍ୟରେ ତୃତୀୟଲିଙ୍ଗୀଙ୍କ ସଂଖ୍ୟା କେତେ ଏହାର ନିର୍ଦ୍ଦିଷ୍ଟ ତଥ୍ୟ ଏଯାଏ ସରକାର ପ୍ରକାଶ କରିନାହାନ୍ତି ।

୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୨୦,୩୩୨ଜଣ ତୃତୀୟଲିଙ୍ଗୀ ରହିଥିବା କୁହାଯାଇଥିଲା । ମାତ୍ର ୧୨ବର୍ଷ ଭିତରେ ଏହି ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ହୋଇଛି । କେନ୍ଦ୍ର ସରକାରଙ୍କ ତୃତୀୟଲିଙ୍ଗୀ ପାଇଁ ରହିଥିବା ଜାତୀୟ ପୋର୍ଟାଲରେ ରାଜ୍ୟରୁ ୨୧୦୦ଜଣ ନିଜର ପଞ୍ଜୀକରଣ କରିଛନ୍ତି । ଯାହାକି ଦେଶରେ ସର୍ବାଧିକ । ତେବେ ରାଜ୍ୟର ଗ୍ରାମାଞ୍ଚଳ ଓ ଆଦିବାସୀ ବହୁଳ ଜିଲ୍ଲାରେ ପଞ୍ଜୀକରଣ ହାର ଅପେକ୍ଷାକୃତ କମ୍ ରହିଛି । ତୃତୀୟଲିଙ୍ଗୀଙ୍କ ପାଇଁ କାମ କରୁଥିବା ବିଭିନ୍ନ ସଂସ୍ଥାର ଦାବି ଅନୁସାରେ ରାଜ୍ୟରେ ତୃତୀୟଲିଙ୍ଗୀ ସଂଖ୍ୟା ପ୍ରକୃତରେ ୩୦ହଜାରରୁ ଅଧିକ ହେବ ।

ଏସ୍‌ଏସ୍‌ଇପିଡି ବିଭାଗର ଅଧିକାରୀ କହିଛନ୍ତି, ନାଲ୍‌ସା ବନାମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ ତୃତୀୟଲିଙ୍ଗୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସମାନ ଜୀବନ ବଞ୍ଚିବା ଓ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ । ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଚିଠା ନୀତିରେ ତୃତୀୟଲିଙ୍ଗୀଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ୍, ଶିକ୍ଷା ପାଇଁ ଗ୍ରାଚ୍ୟୁଇଟି, ତାଲିମ୍, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେମାନଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ହସ୍ପିଟାଲ ନିର୍ମାଣ, ଜୀବନ ଜୀବିକା ପାଇଁ କିଛି ଯୋଜନା ପ୍ରଣୟନ ଉପରେ ଗୁରୁତ୍ୱ ଦିଆଯାଇଛି । ପ୍ରାୟ ବର୍ଷେ ତଳୁ ଏହି ଚିଠା ନୀତି ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ ରାଜ୍ୟର ତୃତୀୟଲିଙ୍ଗୀଙ୍କ ସୁରକ୍ଷା ଯୋଜନାରେ ୧୪ଟି ଜିଲ୍ଲାରେ ସଂସ୍ଥା/ଏନ୍‌ଜିଓଙ୍କୁ ଟେଣ୍ଡର ଜରିଆରେ ଚୟନ କରାଯାଇଛି । ଖୁବଶୀଘ୍ର ବଳକା ୧୬ ଜିଲ୍ଲାରେ ସଂସ୍ଥା ଚୟନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ନିଖିଳ ଓଡ଼ିଶା କିନ୍ନର ଓ ତୃତୀୟଲିଙ୍ଗୀ ମହାସଂଘର ସଭାପତି ପ୍ରତାପ ସାହୁ କହିଛନ୍ତି, ଏସ୍‌ଏସ୍‌ଇପିଡି ପକ୍ଷରୁ ଯେଉଁ ଚିଠା ପ୍ରସ୍ତାବ ଆସିଥିଲା ତହିଁରେ ମହାସଂଘ କେତେକ ପ୍ରସ୍ତାବ ଦେଇଥିଲା । ତୃତୀୟଲିଙ୍ଗୀଙ୍କୁ ନିଯୁକ୍ତି କ୍ଷେତ୍ରରେ ୪% ସଂରକ୍ଷଣ, ପଞ୍ଚାୟତ/ମ୍ୟୁନିସିପାଲଟି/ୱାର୍ଡ ମେମ୍ବର ନିର୍ବାଚନରେ ୫% ସ୍ଥାନ ସଂରକ୍ଷଣ, ବିଧାୟକ ୨%, ଏମ୍‌ପି (ରାଜ୍ୟସଭା, ଲୋକସଭା)ରେ ୧%, ଟ୍ରେନ୍, ବସ୍‌ରେ ତୃତୀୟଲିଙ୍ଗୀଙ୍କ ପାଇଁ ସିଟ୍ ସଂରକ୍ଷଣ ଲାଗି ମହାସଂଘ ଦାବି ରଖିଥିଲା । କେବଳ ସେତିକି ନୁହେଁ, ସ୍ୱତନ୍ତ୍ର ଟଏଲେଟ୍, ତୃତୀୟଲିଙ୍ଗୀଙ୍କୁ ଭୂମିହୀନଭାବେ ଗ୍ରହଣ କରି ୫ଡିସିମିଲ୍ ଜାଗା ଭଳି ପ୍ରସ୍ତାବ ଦିଆଯାଇଥିଲା ।

ଇତିମଧ୍ୟରେ ପୁଲିସ, ଜେଲ ୱାର୍ଡର ନିଯୁକ୍ତିରେ ତୃତୀୟଲିଙ୍ଗୀଙ୍କ ପାଇଁ ସିଟ୍ ସଂରକ୍ଷଣ ସଂପର୍କିତ ବିଜ୍ଞାପନ ପ୍ରକାଶ ପାଇଥିଲା । ମାତ୍ର ନିଯୁକ୍ତି ପୂର୍ବରୁ ବିଜ୍ଞାପନକୁ ଏହାକୁ ହଟାଇ ଦିଆଯାଇଥିଲା । ତେଣୁ ମହାସଂଘ ପକ୍ଷରୁ ଯେଉଁସବୁ ପ୍ରସ୍ତାବ ଦିଆଯାଇଥିଲା ତାହାକୁ ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ କାର୍ଯ୍ୟକାରୀ କରନ୍ତୁ । ନଚେତ୍ ତୃତୀୟଲିଙ୍ଗୀମାନେ ରାଜରାସ୍ତାକୁ ଓହ୍ଲାଇବେ କିମ୍ବା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି ।

# ଜଳବାୟୁ ପରିବର୍ତନ ରୋକା ନ ଗଲେ ପୃଥିବୀ ଧ୍ୱଂସ ପାଇବ : ଓଡ଼ିଶା କଲ୍ୟାଣ ପାର୍ଟି

ଭୁବନେଶ୍ୱର, ୨୪/୦୧ (ନି.ପ୍ର): ଜଳବାୟୁ ପରିବର୍ତନ, ପରିବେଶ ପ୍ରଦୂଷଣ ତଥା ବଢି ଚାଲିଥିବା ତାପମାନ ଆଜି ମାନବ ସଭ୍ୟତା ପାଇଁ କାଳ ହୋଇଛି । ମହାମାରୀ କୋଭିଡ଼, ଦୁର୍ଭିକ୍ଷ, ବୃଷ୍ଟିହୀନତା, ବନ୍ୟା, ବାତ୍ୟା ଇତ୍ୟାଦି ପାଇଁ ଏହି ଜଳବାୟୁ ପରିବର୍ତନ ହିଁ ଦାୟୀ ।

ବର୍ତମାନ ପୃଥିବୀ ପୃଷ୍ଠରୁ ଅନେକ ଜୀବଜନ୍ତୁ ଓ ଫଳପୁଷ୍ପ ଲୋପ ପାଇଗଲାଣି । ଏହି ଧାରା ଜାରି ରହିଲେ ଆଗାମୀ ଦଶବର୍ଷ ଭିତରେ ଆମେ ବିଭୀଷିକା ବିଧ୍ୱସ୍ତ ମଧ୍ୟରେ ନିଜକୁ ପାଇବା । ଜାତିସଂଘର ଏକ ଆକଳନ ଅନୁଯାୟୀ ଯଦି ସମୁଦ୍ର ପତନ ୦.୫ ସେଂଟିମିଟର ବୃଦ୍ଧିପାଏ ତେବେ କେବଳ ଭାରତରୁ ୨୫ କୋଟି ଲୋକ ନିଶ୍ଚିହ୍ନ ହୋଇଯିବେ । ବିଶାଖାପାଟଣା, ଚେନ୍ନାଇ, ମୁମ୍ବାଇ, କୋଚି ତଥା ଓଡ଼ିଶାର ଗୋପଳପୁର, ପାରାଦ୍ୱୀପ ଆଦି ସମସ୍ତ ଉପକୂଳବର୍ତୀ ସହର ଜଳମଗ୍ନ ହୋଇଯିବ ବୋଲି ଓଡ଼ିଶା କଲ୍ୟାଣ ପାର୍ଟିର ନବନିର୍ବାଚିତ ସଭାପତି ଡଃ ଅଭିନ୍ନ ଚନ୍ଦ୍ର ହେତା ପ୍ରତିଷ୍ଠାତା ସଭାପତି ଆଲୋକ ଜେନାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଏହା ପ୍ରକାଶ କରିଛନ୍ତି ।

ସୋମବାର ଦିନ ଓଡ଼ିଶା ପ୍ରେସ୍ କ୍ଲବଠାରେ ଦଳର କାର୍ଯ୍ୟକାରିଣୀ ବୈଠକରେ 'ସମସ୍ତଙ୍କ ପାଇଁ ନିଶୁଳ୍କ ଶିକ୍ଷା ସମସ୍ତଙ୍କ ପାଇଁ ନିଶୁଳ୍କ ସ୍ୱାସ୍ଥ୍ୟ' ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା । ସମ୍ବିଧାନର ବିଭିନ୍ନ ଧାରା ୧୪ ସମାନତାର ଅଧିକାର, ଧାରା ୧୯ ବାକ୍ ସ୍ୱାଧୀନତା ଏବଂ ଧାରା ୨୧ ଜୀବନ ଏବଂ ଜୀବିକାର ଅଧିକାରକୁ ବ୍ୟାପକ ଭାବରେ ପ୍ରଚ୍ଚର ପ୍ରସାର କରିବାକୁ ଦଳ ତାର ଅଙ୍ଗୀକାର ବଦ୍ଧତାକୁ ପରିପ୍ରକାଶ କରିଥିଲା । ମାନବାଧିକାର, ସାମାଜିକ ନ୍ୟାୟ, ଚ୍ଚଷୀ ସମସ୍ୟା, ମହିଳା, ଛାତ୍ର, ଯୁବକ ସମ୍ପର୍କିତ ସମସ୍ୟା ସମ୍ବନ୍ଧରେ ସଭ୍ୟମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରିଣୀ ଦ୍ୱାରା ଉପସଭାପତି ଡଃ ରାମଚନ୍ଦ୍ର ରାଉତରାୟ, ସୁଶାନ୍ତ ବେଉରିଆ, ସାଧାରଣ ସମ୍ପାଦକ ଇଂ ରାଜେଶ ମଲ୍ଲିକ, ଡଃ ସଂଘମିତ୍ରା ମହାନ୍ତି, ତାପସ ଦାସ ଏବଂ କୋଷାଧ୍ୟକ୍ଷ ଡଃ ଅନୁ ଭଲ୍ଲା ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ । ଓଡ଼ିଶା କଲ୍ୟାଣ ପାର୍ଟିର ମୁଖ୍ୟ ନିର୍ବାଚନ ଅଧିକାରୀ ଆଡ଼ଭୋକେଟ ରଶ୍ମିରେଖା ପଣ୍ଡା ନିର୍ବାଚନ ପରିଚ୍ଚଳନା କରିଥିଲେ । ମୁଖ୍ୟ ଆଇନ ପରାମର୍ଶଦାତା ଆଡ଼ଭୋକେଟ ତରଣିକାନ୍ତ ବିଶ୍ୱାଳ ସମସ୍ତ ବିଷୟକୁ ଭାରତ ତଥା ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି କହିଥିଲେ । ମୁଖ୍ୟ ମୁଖପାତ୍ର ଡଃ ମଙ୍ଗଳା ପ୍ରସାଦ ମହାନ୍ତି ସାମ୍ବାଦିକ ସମ୍ମିଳନୀକୁ ପରିଚ୍ଚଳନା କରିଥିଲେ ।

# ମଣ୍ଡିରେ ଚାଷୀ ରାତି ଉଜାଗର : ମିଲର ଉଠଉନି ଧାନ



ଦଶରଥପୁର, ୨୪/୦୧ (ନି.ପ୍ର): ଦଶରଥପୁର ବ୍ଲକ ବିହାରୀ ପଞ୍ଚାୟତ ପାଳଦା ଗ୍ରାମରେ ଥିବା ବାବା ଆଖଣ୍ଡଳମଣି ସ୍ୱୟଂସହାୟକ ଗୋଷ୍ଠୀର ମଣ୍ଡିରେ ଶହଶହ ବସ୍ତା ଧାନ ପଡ଼ିରହିଛି । ଏଠାରେ ଭେଲଙ୍ଗ, ରାହାସେଇ, ପାଳଦା, ବିହାରୀ, ତଳିହା, ଝାଡ଼ଙ୍ଗା, ବୃନ୍ଦାବନପୁର, ଚମ୍ପା, ସାଉଣ୍ଟିଗ୍ରାମର ୩୦୪ ଜଣ ଚାଷୀ ଧାନ ଦେବାକୁ ପଞ୍ଜିକୃତ ହୋଇଛନ୍ତି । ଗତ ୪ ତାରିଖରୁ ଏଠାରେ ଧାନ କ୍ରୟ କେନ୍ଦ୍ର ଖୋଲିଛି । ଏଠାରୁ ୧୧ହଜାର ୨୦୦ କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ ଦେଇଛି ଯୋଗାଣ ବିଭାଗ । ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଚାଷୀ ଏଠାରେ ଶହଶହ ବସ୍ତା ଧାନ ଗଦା କରି ବିକ୍ରି ଅପେକ୍ଷାରେ ରହିଛନ୍ତି । ଜିଲ୍ଲାର କୃପାଳୁ ଓ ଆଶୀର୍ବାଦ ରାଇସ୍ ମିଲ୍ ଏଠାରୁ ଧାନ ନେବା ପାଇଁ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗର ନିର୍ଦ୍ଦେଶ ଅଛି । ଆଶୀର୍ବଦା ରାଇସ୍ ମିଲ୍ ୯ ହଜାର ୨ ଶହ କୁଇଣ୍ଟାଲ ଧାନ ନେବାକୁ ଥିବାବେଳେ କୃପାଳୁ ୨ ହଜାର କୁଇଣ୍ଟାଲ ଧାନ ଉଠାଇବ । ଆଶ୍ଚର୍ଯ୍ୟର ବିଷୟ ଆଜି ପର୍ଯ୍ୟନ୍ତ ଆଶୀର୍ବାଦ ମାତ୍ର ୭୫୦ କୁଇଣ୍ଟାଲ ଧାନ ଉଠାଇଛି । ବାକି ଧାନକୁ ଏଯାଏ ଉଠାଇ ନାହିଁ । ଏହି ୧୯ ଦିନଧରି ଶୀତକାକର, ଖରାରେ ଚାଷୀମାନେ ରାତିଦିନ ଧାନକୁ ଜଗି ରହିଛନ୍ତି । ନିଜ ଅର୍ଥରେ ପଲିଥିନ୍ କିଣି ଧାନବସ୍ତାକୁ ଘୋଡ଼ାଇ ରଖିଛନ୍ତି । ଅବଶ୍ୟ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ମଧ ପଲିଥିନ୍ ଢଙ୍କାଯାଇଛି । ଆଶୀର୍ବାଦ ରାଇସ୍ ମିଲ୍ ଧାନ ଉଠାଉନଥିବା ସଂପର୍କରେ ଚାଷୀମାନେ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗକୁ ଅବଗତ କରାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇନାହିଁ । ଏଣେ ଟୋକନ ପାଇଥିବା ଚାଷୀମାନଙ୍କ ଅବଧି ସମୟ ସରିଗଲାଣି । ଏଭଳି ସ୍ଥିତିରେ ସେମାନେ କିପରି ଧାନ ବିକିବେ, ସେଥିପାଇଁ ଚିନ୍ତିତ ଥିବା କହିଛନ୍ତି । ଏଭଳି ଅବ୍ୟବସ୍ଥା ପ୍ରତିବାଦରେ ଧାନ କ୍ରୟକେନ୍ଦ୍ରରେ ବାବା ଅଖଣ୍ଡଳମଣି ସ୍ୱୟଂସହାୟକ ଗୋଷ୍ଠୀର ସଭାପତି ଲକ୍ଷ୍ମୀକାନ୍ତୀ ନାଥ, ସମ୍ପାଦକ ରାଜେଶ୍ୱରୀ ନାଥ, ଚାଷୀ ଭଗବାନ ଦାସ, ମହେଶ ସାମଲ, ନିତ୍ୟାନନ୍ଦ ପଣ୍ଡା, ଗଗନବିହାରୀ ସ୍ୱାଇଁ, ପ୍ରକାଶ ରାଉତ, କାଳନ୍ଦୀ ନାଥ, ସନ୍ତୋଷ ପଣ୍ଡା, ହିମାଂଶୁ ଦାସ, ଗଂଗାଧର ସାହୁ, କୁସୁମଲତା ପଣ୍ଡା, ସୁରେନ୍ଦ୍ର ବେହେରାଙ୍କ ସମେତ ଅନ୍ୟ ଚାଷୀମାନେ ଧାରଣାରେ ବସିଥିବାର ଦେଖିବାକୁ ମିଳିଥିଲା । ଶୀଘ୍ର ଧାନ ନଉଠାଇଲେ ବାଧହୋଇ ରାମବାଗ-ମଙ୍ଗଳପୁର ରାସ୍ତାକୁ ପାଳଦାଠାରେ ବନ୍ଦ କରିଦିଆଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

# ଡ଼ଃ ନୃସିଂହାନନ୍ଦ ମହାପାତ୍ରଙ୍କୁ ସାରସ୍ୱତ ସମ୍ମାନ

କନ୍ଧମାଳ, ୨୩ ଜାନୁଆରୀ (ହି.ସ.)- କଟକର ଶ୍ରୀଚନ୍ଦନ ସାହିତ୍ୟ ଓ ସଂସ୍କୃତି ଏକାଡେମୀ, ରାଉରକେଲାର ଅଗ୍ନି ସ୍ଫୁଲିଙ୍ଗ ଓଡିଶା ପୂଜ୍ୟପୂଜା ପରିଷଦ ଓ ଚିନ୍ମୟୀ ସାରସ୍ୱତ ସାଂସଦ, କଟକର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସାହିତ୍ୟ ସମାବେଶ ଓ ସମର୍ଦ୍ଧନା ଉତ୍ସବରେ କନ୍ଧମାଳର ବିଶିଷ୍ଟ ସାହିତ୍ୟିକ ଡ଼ଃ. ନୃସିଂହନାନ୍ଦ ମହାପାତ୍ରଙ୍କୁ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଛି । ସଂସଦର ୪୬ ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ପୂର୍ବତନ ସାଂସଦ ଡ଼ଃ. ପ୍ରଶନ୍ନ କୁମାର ପାଟଶାଣି ଯୋଗ ଦେଇଥିଲା ବେଳେ ଶିକ୍ଷାବିତ ତଥା ସୁସାହିତ୍ୟିକ ବୈଷ୍ଣବ ଚରଣ ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ମନୋରଞ୍ଜନ ଦାସ, ଡ଼ଃ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଦିଲ୍ଲୀପ କୁମାର ଦାସ, ମେଜର ଭରତ ଚନ୍ଦ୍ର ଜେନା, ଗୋପୀନାଥ ପଟ୍ଟନାୟକ, ରଂଜିତା ପ୍ରିୟଭାଷିନୀ, ବୃନ୍ଦାବନ ଦାସ, ଡ଼ଃ. ସୂର୍ଯ୍ୟମଣୀ ବେହେରା, ପଣ୍ଡିତ ପ୍ରମୋଦ କୁମାର ମିଶ୍ର, ଡ଼ଃ. ରବି ନାରାୟଣ ପଣ୍ଡା, ଡ଼ଃ. ସଂଗ୍ରାମ କେଶରୀ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲା ବେଳେ ଡ଼ଃ. ଶ୍ରୀଚନ୍ଦନ ମହାପାତ୍ର ମୁଖ୍ୟ ସଂଯୋଜକ ଥିଲେ ।

ଡ଼ଃ. ମହାପାତ୍ର ଜଣେ ରାଜ୍ୟସ୍ତରୀୟ ପ୍ରତିଭା । ଓଡ଼ିଶାର ବହୁ ମଂଚରେ ସେ ପୁରସ୍କୃତ ହୋଇଛନ୍ତି । ତାଙ୍କର କୋଡିଏରୁ ଅଧିକ ପୁସ୍ତକ ଲୋକାର୍ପଣ ହୋଇ ସାରିଛି । ସେ ବର୍ତମାନ ଫୁଲବାଣୀ ସରକାରୀ ଶିଳ୍ପ ଅନୁଷ୍ଠାନର ତାଲିମପ୍ରାପ୍ତ ଅଧିକାରୀ ଅଛନ୍ତି । ତାଙ୍କର ଏହି ସଫଳତା ପାଇଁ ଜିଲ୍ଲାର ଲେଖକ ସମ୍ମୁଖ୍ୟ, ସମ୍ବାଦ ସାହିତ୍ୟ ଘର, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପ୍ରଭୃତି ବିଭିନ୍ନ ଅନୁଷ୍ଠାନ ଶୁଭେଚ୍ଛା ଜଣାଇଛନ୍ତି ।

# ୧୫ ବର୍ଷ ପରେ ଫେରିଲେ ହଜିଲା ପୁଅ



ତରଭା, ୨୪/୦୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ନୂଆଁପାଲି ଗାଁର ଲଛମନ ବାଗଙ୍କ ବଡ଼ପୁଅ ପୂର୍ଣ୍ଣ ବାଗ ୧୫ ବର୍ଷ ପରେ ଘରକୁ ଫେରିଛନ୍ତି । ସୂଚନା ଅନୁଯାୟୀ, ପୂର୍ଣ୍ଣ ବାଗ ୨୦୦୮ ମସିହାରେ ମାନସିକ ସନ୍ତୁଳନ ହରାଇ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ଖୋଜାଖୋଜି କରି ନପାଇବାରୁ ତରଭା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ବି ତାଙ୍କ କୌଣସି ଖୋଜଖବର ପାଇନଥିଲା । ପରିବାର ଲୋକେ ଆଶା ଛାଡ଼ିଦେଇଥିଲେ । ଅଚାନକ ଗତ ୧୨ ତାରିଖରେ ତରଭା ଥାନାକୁ ତାମିଲନାଡୁ ରାମନାଥମପୁରମର ଏକ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଫୋନ୍ କରିଥିଲେ । ନୂଆଁପାଲି ଗ୍ରାମର ଜଣେ ଯୁବକ ତାଙ୍କ ପାଖରେ ଥିବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଥିଲା । ଥାନାରୁ ଖବର ପାଇ ପରିବାର ଲୋକେ ଯୋଗାଯୋଗ କରିଥିଲେ । ସମାଜସେବୀ ମନୋଜ ମନହୀରା ଉକ୍ତ ସଂଗଠନ ସହିତ ଯୋଗାଯୋଗ କରି ପୂର୍ଣ୍ଣଙ୍କୁ ଫେରାଇ ଆଣିବା ପାଇଁ ପ୍ରଚେଷ୍ଟା କରିଥିଲେ । ପୂର୍ଣ୍ଣର ସାନଭାଇ ମନୋଜ, ଷଷ୍ଠୀ ବାଗଙ୍କ ସହିତ ତାମିଲନାଡୁ ଯାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ଦଶରଥ ଭୂପତିଙ୍କ ସହ ଆଲୋଚନା କରି ପୂର୍ଣ୍ଣଙ୍କୁ ଘରକୁ ଆଣିଥିଲେ ।

# ଏସୟୁଜେ ପକ୍ଷରୁ ଜାତୀୟ ସାମ୍ବାଦିକ ୟୁନିଅନର ୫୧ ତମ ପ୍ରତିଷ୍ଠା ଦିବସ ପାଳନ

କଟକ, ୨୪/୦୧ (ନି.ପ୍ର): ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ଓଡ଼ିଶା ପକ୍ଷରୁ ଆଜି କଟକ ଜିଲ୍ଲାର ଫୁଲନଖରାଠାରେ ଜାତୀୟ ସାମ୍ବାଦିକ ୟୁନିଅନ (ଏୟୁଜେଆଇ) ର ୫୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏସୟୁଜେର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତା କ୍ରମେ ଏହି କାର୍ଯ୍ୟକ୍ରମରେ ଜାତୀୟ ସାମ୍ବାଦିକ ୟୁନିଅନର ସମ୍ପାଦକ ଅଜୟ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଆମ ରାଜ୍ୟ ଠାରୁ ଆରମ୍ଭ କରି ସମଗ୍ର ଦେଶରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କର ସାମାଜିକ ଓ ବୃତିଗତ ସୁରକ୍ଷା ପ୍ରତି ବର୍ତମାନ କିପରି ଆହ୍ୱାନ ସୃଷ୍ଟି ହୋଇଛି ସେ ନେଇ ଆଲୋଚନା କରିଥିଲେ । ତେବେ ଏହି ସର୍ବ ଭାରତୀୟ ସଂଗଠନ ଦେଶର ସାମ୍ବାଦିକ ମାନଙ୍କ ସ୍ୱାର୍ଥ ରକ୍ଷା ଓ ସୁରକ୍ଷା ପାଇଁ ଅହରହ କାର୍ଯ୍ୟ କରି ଆସୁଥିବା ବେଳେ କେନ୍ଦ୍ର ସରକାର ଖୁବଶିଘ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ପ୍ରତ୍ୟେକ କାର୍ଯ୍ୟରତ ଏବଂ କାର୍ଯ୍ୟରୁ ବିରତ ନେଇଥିବା ସାମ୍ବାଦିକଙ୍କୁ ସର୍ବନିମ୍ନ ୨୫ ହଜାର ଟଙ୍କାର ଭତା ଓ ପେନସନ ପ୍ରଦାନ, ଜାତୀୟ ସ୍ତରରେ ସାମ୍ବାଦିକ କଲ୍ୟାଣ ପାଣ୍ଠି ଗଠନ, ଓଡ଼ିଶା ରାଜ୍ୟ ସରକାରଙ୍କ ପରି କୋଭିଡ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ ପାଇଁ ଶ୍ରୀ ସାହୁଙ୍କ ସମେତ ଅନ୍ୟ ନେତୃବୃନ୍ଦ ଦାବି କରିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ତଥା ପ୍ରାକ୍ତନ ଜାତୀୟ ଉପସଭାପତି ପ୍ରଶାନ୍ତ କୁମାର ପାଢ଼ୀ ଏନୟୁଜେ ଗଠନର ଇତିହାସ ସମ୍ପର୍କରେ ବିସ୍ତୃତ ସୂଚନା ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସାମ୍ବାଦିକ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଗଗନ ବିହାରୀ ସାହୁ, ଉପସଭାପତି ବାସୁଦେବ ତ୍ରିପାଠୀ, କୀର୍ତି ଚନ୍ଦ୍ର ସାହୁ, ଦୁଷ୍ମନ୍ତ କୁମାର ପଣ୍ଡା, ମେହେବୁବ ମହତାବ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରୟାଗରାଜ କର, ବବୁଲ ସିଂ, ଉଦୟନାଥ ଖଣ୍ଡାଇ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଗଗନ ଶର୍ମା, ଚିନ୍ତାମଣି ପାଢ଼ୀ, ରାଜ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଦର୍ଜୀ, ବାଳକୃଷ୍ଣ ପଟ୍ଟନାୟକ, ବିଭୁତି ପ୍ରସାଦ ପଣ୍ଡା, ଶଶାଙ୍କ ଶେଖର ଝାଙ୍କର, ଶିବାଶିଷ ମହାନ୍ତି, କୋଷାଧ୍ୟକ୍ଷ ଅଖିଳେଶପଦ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଜାତୀୟ ପରିଷଦ ସଭ୍ୟ ସୁବାଷ ଧଳ ଅତିଥି ପରିଚୟ ଓ ରମେଶ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ୩୦ତମ ବଲାଙ୍ଗିର ଜିଲ୍ଲା କରାଟେ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗିର, ୨୪/୦୧ (ନି.ପ୍ର): ବଲାଙ୍ଗିର କରାଟେ ସ୍କୁଲ ଆନୁକୁଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ପ୍ରାଙ୍ଗଣରେ ୩୦ତମ ବଲାଙ୍ଗିର ଜିଲ୍ଲା କରାଟେ ପ୍ରତିଯୋଗିତା ଉଦଯାପିତ ହେଇଯାଇଛି । ଏହି ପ୍ରତିଯୋଗିତାରେ ଜିଲ୍ଲାର ସମସ୍ତ ଅନୁବନ୍ଧନ କରାଟେ ଶାଖାରୁ ମୋଟ ୧୭୫ତମ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବେ ଜେଆଇଟିଏମ୍ ର ଆଂଚଳିକ ନିର୍ଦ୍ଦେଶକ ପ୍ରଦୀପ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ପରାସର ବାଗ, ବଲାଙ୍ଗିର ଜିଲ୍ଲା କରାଟେ ସଂଘର ଶ୍ରଷ୍ଟା ମାନୁଏଲ ନାଗ ଓ ବଲାଙ୍ଗିର କରାଟେ ସ୍କୁଲର ସଭାପତି ସଚିଦାନନ୍ଦ ବାଗ ପ୍ରମୁଖ ମଂଚାସିନ ହୋଇଥିଲେ । ସମସ୍ତ ବର୍ଗର ବାଳକ, ବାଳିକା, ମହିଳା ଓ ପୁରୁଷ ପ୍ରତିଯୋଗିମାନେ ଭାଗ ନେଇଥିବା ବେଳେ କାତା ଓ କୁମିତିରେ ସରନ କୁମାର ବେହେରା, ଦିଗାନ୍ତ ପାଢୀ, ତ୍ରିଷା ପଣ୍ଡା, ଆନନ୍ଦିତା ସାହୁ, ସାରଳା ସାହୁ, ନରେଶ ଯୋଗୀ, ପିୟୁଷ ମାଝି, ଲୋକେଶ ବାଗ, ସିହଳ ନାଗଦତ୍ୟା, ପୁନମ କବାଟ, ପୁରୁଷୋତମ ବାଗ୍, ତମନ୍ନା ମେହେର, ତନିଷା ସାହୁ, ସୁପ୍ରିୟା ସାହୁ, ଅଂଶୁମାନ ପୃଷ୍ଟି, ରୁଦ୍ରପ୍ରଭା ସାହୁ, ବୈଷ୍ଣବୀ ଜାଲ, କ୍ରିଷ୍ଣା ନାଏକ, ମୋନାଲିସା ବାରିକ, ଆଦିତ୍ୟ ସାହୁ, ଆଦିତ୍ୟ ସିଂ ବାରିକ, ରେଖା ମନହିରା, ଆୟୁଷ ମେହେର, ହରପିତା ସିଂ, ତନିଷା ଶର୍ମା, ଅଶିଫ ରାଜା, ସମିର ସାହୁ, ପ୍ରିୟଦର୍ଶନୀ ଦୀପ, ଅଭିଜିତ ହୋତା, କ୍ରିଷ୍ଣା ସେଠ, ତନମୟ ବଗର୍ତୀ, ସୌମ୍ୟ ରଂଜନ ମଲ୍ଲିକ, ପ୍ରଦୀପ ସାହୁ, ମୁକେଶ ଛତର, ସରମିଷ୍ଠା ଜାଲ, ସ୍ୱସ୍ତିଆପା ପାଢୀ, ବିଶ୍ୱଜିତ ତାଣ୍ଡି, ଆୟୁଷ ପଟ୍ଟନାୟକ, ପ୍ରିୟାଂଶୁ ପାରିକର, ମୋହିତ ସାହୁ, ରିପ୍ତିମୟୀ ସାହୁ, କୁବେର ରାଜପୁତ, ସୌମ୍ୟରଂଜନ ସାହୁ, ସୁଶାନ୍ତ ମହାନନ୍ଦ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ପୂର୍ବତନ ଷ୍ଟେଟ ହାଉସିଂ ବୋର୍ଡ ର ଚେୟାରମେନ କଳିକେଶ ନାରାୟଣ ସିଂଦେଓ ଓ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଉପସ୍ଥିତ ହୋଇ ବିଜେତାମାନଙ୍କୁ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

# ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ

ବଲାଙ୍ଗୀର, ୨୪/୦୧ (ନି.ପ୍ର): ନେତାଜୀଙ୍କ ଜୟନ୍ତୀ ପାଳନ ଅବସରରେ ଶିଶୁ ଉଦ୍ୟାନ ନିକଟସ୍ଥ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ, ମହେନ୍ଦ୍ର କୁମାର ମହାପାତ୍ର, ଉପ ଜିଲ୍ଲାପାଳ କୁମାର୍ ନାଗ ଭୂଷଣ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପ୍ରମୁଖ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତିରେ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଭଂଜସେନାର ୨୫ ତମ ପ୍ରତିଷ୍ଠା ଦିବସ ପାଳିତ




ବାରିପଦା,୨୪/୦୧ (ନି.ପ୍ର): ଆଜି ଜିଲ୍ଲାର ସଂଗ୍ରାମୀ ଯୁବ ସଂଗଠନ ଭଂଜସେନା ବାରିପଦା ଛଉ ପଡ଼ିଆ ଠାରେ ତାର ୨୫ତମ ପ୍ରତିଷ୍ଠା ଦିବସ ପାଳନ କରିଛି । କାର୍ଯ୍ୟକ୍ରମରେ ସଂଗଠନ ପ୍ରାରମ୍ଭରୁ ସାମିଲ ଥିବା ଯୁବଛାତ୍ର କର୍ମୀ, ବର୍ତମାନର ଯୁବ ଛାତ୍ର ଏବଂ ଭଂଜସେନା କାର୍ଯ୍ୟାଧାରାକୁ ଭଲ ପାଉଥିବା ଶୁଭଚିନ୍ତକ ମାନେ ହଜାର ହଜାର ସଂଖ୍ୟାରେ ସାମିଲ ହୋଇଥିଲେ । ଭଂଜସେନା ଓବିସି ଶାଖା ଜିଲ୍ଲା ସଭାପତି ରାକେଶ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଭଂଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ନିଜ ଅଭିଭାଷଣରେ ମୟୁରଭଂଜ ମିଶ୍ରଣ ଚୁକ୍ତି ପରେ କିଭଳି କ୍ରମାଗତ ଭାବେ କେନ୍ଦ୍ର ଓ ରାଜ୍ୟ ସରକାର ମୟୁରଭଂଜକୁ ଅବହେଳା କରିଚାଲିଛନ୍ତି ସେ ବିଷୟରେ ଆଲୋଚନା କରିବା ସହ ଆଗାମୀ ଦିନରେ ଅଖଣ୍ଡ ମୟୁରଭଂଜ ଏବଂ ସବୁଜିମା ଶିମିଳିପାଳର ମାନ୍ୟତା ବଜାୟ ରଖିବା ନେଇ ସମଗ୍ର ଜିଲ୍ଲାରେ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହିତ ଆଗାମୀ ଶିକ୍ଷା ବର୍ଷ ଠାରୁ ଉଚ୍ଚ ଶିକ୍ଷାରୁ ବଂଚିତ ପ୍ରକୃତ ଗରୀବ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଭଂଜସେନା ପକ୍ଷରୁ ସବୁ ପ୍ରକାରର ସାହାଯ୍ୟ ସହଯୋଗ କରାଯିବ ବୋଲି ମଧ ଘୋଷଣା କରିଛନ୍ତି । ଅନ୍ୟମାନଙ୍କ ମଧରେ ଭଂଜସେନା ଅଧକ୍ଷ ଶୁଭେନ୍ଦୁ ମହାନ୍ତି, ଶୃଙ୍ଖଳା କମିଟି ଅଧକ୍ଷ ସତ୍ୟସ୍ୱରୂପ ଦାଶ, ଉପାଧକ୍ଷ ନିମାଇଁ ତ୍ରିପାଠୀ, ମହମ୍ମଦ ଅଲ୍ଲୀ ଖାନ, ଜିତେନ୍ଦ୍ର ହେମ୍ବ୍ରମ, ଲାଲ ବାହାଦୁର ମହାନ୍ତି ,ଚନ୍ଦନା ଦାସ, ସଭାପତି ଫିଂଟୁ ମାଇତି, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ମହିଳା ଶାଖା ସଭାପତି କନିକା ବୋଷ, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ଯୁବ ସଭାପତି ସୌମ୍ୟରଂଜନ ମିଶ୍ର, ଛାତ୍ର ସଭାପତି ପ୍ରୀତମ ପଣ୍ଡା, ମୁଖପାତ୍ର ମାନସ ବେହେରା, ଯୁବଛାତ୍ର ସଂଯୋଜକ ଏସକେ ରାଜାଖାନ, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଞ୍ଜନ ପୃଷ୍ଟି, ବାମନଘାଟି ଉପଖଣ୍ଡ ସଭାପତି ଇଂ. ରମଜାନ ବେଗ, କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, ପାଂଚପିଢ଼ ଉପଖଣ୍ଡ ସଭାପତି ଦକ୍ଷିଣା ମହାନ୍ତ, ଜିଲ୍ଲା ଉପସଭାପତି ଫିରୋଜ ଖାନ, ସନ୍ତୋଷ ଗିରି, ପ୍ରଶାନ୍ତ ମହାକୁଡ, ରାକେଶ ମହାନ୍ତି, ସାଧାରଣ ସମ୍ପାଦକ ଧନଂଜୟ ସାହୁଙ୍କ ସମେତ ବହୁ ବ୍ଲକ ସଭାପତି ଏବଂ ବରିଷ୍ଠ କର୍ମକର୍ତା ମାନେ ବକ୍ତବ୍ୟ ପ୍ରଦାନ କରି ଜିଲ୍ଲାର ସ୍ୱାର୍ଥ ପାଇଁ ଭଂଜସେନାର ଲଢେଇ ଜାରୀରହିବ ବୋଲି କହିଥିଲେ । ସେନାର ମୋରୋଡ଼ା ବ୍ଲକ ସଭାପତି ପାରିତୋଷ ବାରିକ,୧୭ ନମ୍ବର କାଉନସିଲର କରୁଣାକର ହେମ୍ବ୍ରମ, ଯୁବନେତା ରବି ନାରାୟଣ ସିଂ ବାବୁ, ସଂଜୀବ ରାଉତ, ଦିଲ୍ଲୀପ ରାୟବାବୁ, ଚିକିଟାମାଟିଆ ସରପଂଚ ବାରସା ହେମ୍ବ୍ରମ, ଯୁବ ନେତା ସାଫଲ୍ୟ ମିଶ୍ର ପ୍ରମୁଖ ନିଜର ବକ୍ତବ୍ୟ ରଖିବା ସହିତ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

## ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

ବାରିପଦା,୨୪/୦୧ (ନି.ପ୍ର): ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ପ୍ରଦୀପ କୁମାର ନାୟକ ପ୍ରାରମ୍ଭରେ ବୀର ମହାପୁରୁଷମାନଙ୍କର ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଏବଂ ମହାପୁରୁଷମାନଙ୍କ ସ୍ମୃତିରେ ଜାତୀୟଗାନ କରାଯାଇଥିଲା । ତାପରେ କଲେଜର ଛାତ୍ରଛାତ୍ରୀମାନେ ଦୁଇ ବୀର ପୁରୁଷଙ୍କ ବିଷୟରେ ବକ୍ତବ୍ୟ ରଖିବା ସହିତ ଜୟଧ୍ୱନି ଦେଇଥିଲେ । କଲେଜର ଅଧକ୍ଷ ଛାତ୍ରଛାତ୍ରୀମାନଙ୍କୁ ସୁବାଷ ବୋଷ ଏବଂ ସୁରେନ୍ଦ୍ର ସାଏଙ୍କ ଜୀବନ ଦର୍ଶନ ଓ ବୀରତ୍ୱ କାହାଣୀ ବିଷୟରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ସାହସୀ ଓ ଧୌର୍ଯ୍ୟଶୀଳ ହେବା ପାଇଁ ଉପଦେଶ ଦେଇଥିଲେ । କଲେଜର ଉପାଧକ୍ଷ ସଂଘମିତ୍ରା ରାଉତ ଛାତ୍ରଛାତ୍ରୀନଙ୍କୁ ଦୁଇ ବୀରଙ୍କର ଜୀବନ ବୃତ୍ତାନ୍ତ ବିଷୟରେ କହିଥିଲେ । କଲେଜର ଅଧାପକ, ଅଧାପିକା ଅଶୋକ କୁମାର ଦାସ, ମଦନ ମୋହନ ସାହୁ, ଦେବୀଦତ୍ତ ରାଉତ, ରଞ୍ଜିତ ମାରାଣ୍ଡି, ସାଗରିକା ପଣ୍ଡା, ସବିତାରାଣୀ ଦାସ, ବିଜୟା ନାୟକ, ମୀରା ସେନାପତି, ରୂପମଞ୍ଜରୀ ବେହେରା, ତୃପ୍ତି ଦାସ, ଦେବାଶ୍ରିତା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ନିଜର ବକ୍ତବ୍ୟ ରଖିଥିଲେ ।

## ବିବାହ ପୂର୍ବରୁ ମହାପ୍ରଭୁଙ୍କୁ ଦର୍ଶନ କଲେ ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ

ଭୁବନେଶ୍ୱର,୨୪/୦୧ (ନି.ପ୍ର): ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ବିବାହ ପୂର୍ବରୁ ପୁରୀ ଯାଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି । ସେ ଶ୍ରୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି । ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଂଚିଲା ପରେ କଡ଼ାସୁରକ୍ଷା ବ୍ୟବସ୍ଥାରେ ଆଜି ଅପରାହ୍ନରେ ଅନନ୍ତ ଅମ୍ବାନୀ ପୁରୀ ଗସ୍ତରେ ଆସିଥିଲେ । ସିଂହଦ୍ୱାର ସମ୍ମୁଖ ଦେଇ ସେ ସାଧାରଣ ଦର୍ଶକଙ୍କ ଭଳି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ । ଶ୍ରୀମନ୍ଦିର ପରିସରରେ ସେ ପ୍ରାୟ ଅଧ ଘଣ୍ଟା ବିତାଇଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ଅନିୟମିତତା : ସଂଶୋଧନ ନ ହେଲେ ଜାନୁଆରୀ ୩୦ରେ ଗଣଧାରଣା ଚେତାବନୀ

ନୀଳଗିରି,୨୪/୦୧ (ନି.ପ୍ର): ପ୍ରକାଶିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ବହୁ ଅନିୟମିତତା ହୋଇଥିବା ନେଇ ଆଜି ନୀଳଗିରି ବିଜେପି ଦଳ ପକ୍ଷରୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ନିର୍ଦ୍ଦେଶରେ ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର ଓ ତାପସ ମହାନ୍ତିଙ୍କ ନେତୃତ୍ୱରେ ବହୁ ବିଜେପି କର୍ମୀ ନୀଳଗିରି ବିଡିଓଙ୍କୁ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ଥାନୀୟ ରାଜନେତା ଓ ତଦନ୍ତକାରୀ ଅଫିସରଙ୍କ ମଧୁଚନ୍ଦ୍ରିକାରେ ଶିକାର ହୋଇ ବହୁ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ ପଡ଼ିଥିବା ବେଳେ ଥିଲାବାଲାଙ୍କ ନାମ ତାଲିକାରେ ରହିଅଛି । ଅସନ୍ତା ଜାନୁଆରୀ ୨୯ତାରିଖ ସୁଦ୍ଧା ନିରପେକ୍ଷ ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କ ନାମ ପ୍ରକାଶନ ନ କଲେ ଜାନୁଆରୀ ୩୦ ତାରିଖରେ ନୀଳଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ନୀଳଗିରି ବିଡିଓଙ୍କୁ ସ୍ମାରକପତ୍ର ସହ ଚେତାବନୀ ଦେଇଛନ୍ତି । କରୁଣାକର ପଣ୍ଡା, କୁଳମଣି ନାୟକ, ଚନ୍ଦନ ନାୟକ, ରମାକାନ୍ତ ମଲିକ, ସନ୍ତୋଷ ମଲିକ, ପୁରୁଷୋତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ରାଟ ବାଲାସାହେବ ଠାକରେଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର,୨୪/୦୧ (ନି.ପ୍ର): ବାଲେଶ୍ୱର ଶିବସେନା ପକ୍ଷରୁ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକରେଙ୍କ ୯୭ତମ ଜୟନ୍ତୀ ମହାସମାରୋହରେ ପାଳିତ ହେଇଯାଇଛି । ଏପରିକି ପ୍ରତ୍ୟୁଷରୁ ଝାଡେଶ୍ୱର ମନ୍ଦିରରେ ପୂଜା ଓ ଅନ୍ଧ ପିଲାଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା ଏବଂ ବାଲାସାହେବ ଠାକରେଙ୍କ ପଟଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ସଭାକର୍ଯ୍ୟ ଶିବସେନାର ସଭାପତି ପଦ୍ମଲୋଚନ ପତି ଅଧକ୍ଷତା କରିଥିବା ବେଳେ ଉପଦେଷ୍ଟା ପର୍ଣ୍ଣଚନ୍ଦ୍ର ବେହେରା ପରିଚାଳନା କରିଥିଲେ । ଏହି ସଭାରେ ମୁଖ୍ୟଅତିଥି ସମାଜସେବୀ ମାନନୀୟ ଅଜୟ କୁମାର ବିଶ୍ୱାଳ ଶ୍ରୀଠାକରେଙ୍କ ଜୀବନୀ ବିଷୟରେ ସ୍ମୃତିଚାରଣ କରିଥିଲେ । ମୁଖ୍ୟବକ୍ତା ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ କହିଲେ ଯେ ଯୁବଗୋଷ୍ଠୀ ଶୃଙ୍ଖଳିତ ହେବା ସହ ଦେଶ ମାତୃକାର ସେବା ନିମନ୍ତେ ନିଜ ଭିତରେ ସମର୍ପଣ ମନୋଭାବ ରଖିବା ଆବଶ୍ୟକ ଓ ଦେଶର ସୁରକ୍ଷା ନିମନ୍ତେ ସବୁବର୍ଗର ଜନତା ଜାଗ୍ରତ ହେବା ଦରକାର ବୋଲି କହିଥିଲେ । ଏପରିକି ସଂଗଠନ ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ସିନିୟର ଗ୍ରୁପର ଆଶିଷ ମହାପଶାୟତ ପ୍ରଥମ ସ୍ଥାନ ଓ ବୃନ୍ଦା ମୁର୍ମୁ ଦ୍ୱିତୀୟ ଓ ଦୀପ୍ତିରାଣୀ ପଣ୍ଡା ତୃତୀୟ ସ୍ଥାନ ଏପରିକି ଜୁନିୟର ଗ୍ରୁପର ଶ୍ୱେତପଦ୍ମା ରଣା ପ୍ରଥମ, ସ୍ୱପ୍ନିଲ ପରିଡା ଦ୍ୱିତୀୟ, ସାଇପ୍ରସାଦ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ ସେମାନଙ୍କୁ ପୁରସ୍କାର ବଣ୍ଟନ କରିବା ସଙ୍ଗେସଙ୍ଗେ ଗୋସୁରକ୍ଷା କ୍ଷେତ୍ରରେ ଜ୍ଞାନରଞ୍ଜନ ମହାନ୍ତି, ଦେଶ ସୁରକ୍ଷା କ୍ଷେତ୍ରରେ ମହେଶ୍ୱର ଗିରି, ପୁରାତନ ସାମରିକ କଳା କ୍ଷେତ୍ରରେ ଶଶୀକାନ୍ତ ଜେନା, ସୁନ୍ଦର ସ୍ୱାସ୍ଥ୍ୟ କ୍ଷେତ୍ରରେ ତରୁଣ କୁମାର ଚାଟାର୍ଜୀ, ସାମାଜିକ ବନୀକାରଣ କ୍ଷେତ୍ରରେ ଜ୍ୟୋତିର୍ମୟୀ ଶତପଥୀ, ସମାଜସେବା କ୍ଷେତ୍ରରେ ଭୋଳନାଥ ପାତ୍ର,କଳା ସଂସ୍କୃତିରେ ଭାନୁମତୀ ଆଚାର୍ଯ୍ୟ, ଶିକ୍ଷା ସାହିତ୍ୟରେ ନୃସିଂହ ଚରଣ ନାୟକ, କୃଷିରେ ମହେଶ୍ୱର ବେହେରା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ନିହାର ରଞ୍ଜନ ଗିରିଙ୍କୁ ମାନପତ୍ର ଓ ଉତ୍ତରୀ ଦେଇ ସଂମାନିତ କରାଯାଇଥିଲା । ସର୍ବଶେଷରେ ସୁଶାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ ଓ ଏହି କାର୍ଯ୍ୟକୁ ଉମେଶ,ରଞ୍ଜନ,ସୁଶାନ୍ତ, କମଳାକାନ୍ତ, ସୁରେଶ ରଣା, ସନ୍ତୋଷ, ରତ୍ନାକର ଓ ସିତାରାଣୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ନେତାଜୀ ଜୟନ୍ତୀରେ ଉତ୍କଳସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ



ବାଲେଶ୍ୱର,୨୪/୦୧ (ନି.ପ୍ର): ଉତ୍କଳସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଭାରତର ସ୍ୱାଧୀନତାସଂଗ୍ରାମର ମହାନ ଯୋଦ୍ଧା ଓଡ଼ିଆପୁଅ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପୁଣ୍ୟଜୟନ୍ତୀ ତିଥିରେ ସହରସ୍ଥ ଟାଉନହଲ୍ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଉତ୍କଳସମ୍ମିଳନୀର ଆଜୀବନ ସଦସ୍ୟ ତଥା ସୁସାହିତ୍ୟିକ ଡକ୍ଟର ରମାକାନ୍ତ ବେହେରା, ଶାଖାର ସମ୍ପାଦକ କବି କାଳୀପଦ ପଣ୍ଡା, ଔପନ୍ୟାସିକ ତଥା ଆଜୀବନ ସଦସ୍ୟ ରମେଶ ଚନ୍ଦ୍ର ଜେନା ଟାଉନହଲ୍ ପରିସରକୁ ଯାଇ ନେତାଜୀଙ୍କ ପୂର୍ଣ୍ଣାଅବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ । ନେତାଜୀଙ୍କ ନେତୃତ୍ୱରେ ଭାରତ ହୁଏତ ସ୍ୱାଧୀନତା ଲାଭ କରିଥିଲେ ଆମେ ଖଣ୍ଡିତ ଭାରତ ପାଇ ନ ଥା'ନ୍ତୁ ବରଂ ପୂର୍ଣ୍ଣାଙ୍ଗ ଭାରତ ଆମର ଅକ୍ଷୁର୍ଣ୍ଣ ରହିଥା'ନ୍ତା । ମାତ୍ର ସେତେବେଳେ ବହୁ ରାଷ୍ଟ୍ରୀୟ ନେତାଙ୍କ ମତାନ୍ତର ପାଇଁ ଗାନ୍ଧିଜୀଙ୍କ ଅହିଂସାମାର୍ଗ ଓ ନେତାଜୀଙ୍କ ସଶସ୍ତ୍ର ବିପ୍ଳବଧର୍ମୀ ଆନ୍ଦୋଳନ ଏକସଙ୍ଗେ ଦୁଇ ଧାରାରେ ଅତିକ୍ରମ କରୁଥିଲା । ତେବେ ନେତାଜୀ ବିଦେଶଭୂମିରେ ଥାଇ ଯେଉଁ କୂଟନୈତିକ ସମର୍ଥନ ବିଶ୍ୱବାସୀଙ୍କଠାରୁ ହାସଲ କରିଥିଲେ ତଥା ତାଙ୍କର ପ୍ରତିଷ୍ଠିତ ଆଜାଦ୍‌ହିନ୍ଦ୍ ଫୌଜ ଯେଉଳି ଭାବରେ ଇଂରେଜମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିଲେ, ତାହାର ଫଳସ୍ୱରୂପ ବ୍ରିଟିଶ୍‌ବାହିନୀ ଅଧିକ ଭାରତବର୍ଷରେ ରହିବାକୁ ଉଚିତ ନ ମଣି ସହସା ସ୍ୱାଧୀନତା ଦେବାକୁ ବାଧ ହୋଇଥିଲେ । ଏଣୁ ଭାରତର ସ୍ୱାଧୀନତାଲାଭର ସଫଳତା ଗାନ୍ଧିଜୀଙ୍କ ପାଇଁ ଯେଭଳି ଶ୍ରେୟ ନେତାଜୀଙ୍କ ପାଇଁ ମଧ ସେହିଭାବେ ଶ୍ରେୟ ବୋଲି ଶ୍ରଦ୍ଧାଞ୍ଜଳି ଜ୍ଞାପନ ଅବସରରେ ମତପ୍ରକାଶ ପାଇଥିଲା ।

## ଭାରତୀୟ ଜନତା ପାର୍ଟିର ଧାମନଗର ବ୍ଲକ ଘେରାଉ

ଧାମନଗର,୨୪/୦୧ (ନି.ପ୍ର): ଧାମନଗର ବ୍ଲକ୍‌ରେ ବିଜେପି ର ଉଦୟ ମାନ ଯୁବ ବିଧାୟକ ସୂର୍ଯ୍ୟବଂଶି ସୁରଜଙ୍କ ଡାକରାରେ ହଜାର ହଜାର ଲୋକ ଧାମନଗର ବ୍ଲକ୍ ସାମ୍ନାରେ ଆସି ନିଜର ନାମ କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ତାଲିକା ଭୁକ୍ତ କରାଇବା ଓ ପ୍ରକାଶ ପାଇଥିବା ତାଲିକାର ତ୍ରୁଟି କୁ ସୁଧାରିବା ପାଇଁ ଧାମନଗର ଗୋଷ୍ଠି ଉନ୍ନୟନ ଅଧିକାରୀ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।ଗାଁ ଗାଁରେ ରହୁଥିବା ଗରିବ ଖଟିଖିଆ ଅକ୍ଷମ ବ୍ୟକ୍ତିମାନେ ଆବାସ ଘର ପାଇବାରୁ ବଞ୍ଚିତ ହେଉଥିବା ବେଳେ ଯାହାର ନିଜର ବିଲଡିଂ ଏବଂ ସରକାରି ଚାକିରି ଓ ଚାରିଚକିଆ ଗାଡି ମଧ ଅଛି ଏହାସହ ଅନେକ ସମ୍ପତି ର ମାଲିକ ସେହୀମାନଙ୍କୁ ଶାସକ ଦଳର ଚାପରେ ଘର ମିଳୁଛି ।ତେଣୁ ପ୍ରକୃତ ହିତାଧିକାରୀ ମାନଙ୍କୁ ବଞ୍ଚିତ ହେବାକୁ ପଡୁଛି । ଏହାକୁ ପ୍ରତିବାଦ ର ହଜାର ହଜାର ହିତାଧିକାରୀ ବ୍ଲକ୍ ଘେରାଉ କରିଥିଲେ କେନ୍ଦ୍ର ରୁ ଆସୁଥିବା ଆବାସ ଘରକୁ ଓଡ଼ିଶା ସରକାର ଏମିତି ପ୍ରକାର ?କରୁଛନ୍ତି ବୋଲି କହିଥିଲେ । ହୋଇଥିବା ସର୍ଭେ ରିପୋର୍ଟ କୁ ସଂପୂର୍ଣ୍ଣ ରୂପେ ଅଣଦେଖା କରି ଅଯୋଗ୍ୟ ହିତାଧିକାରୀ ଙ୍କୁ କିପରି ଘର ଦିଆଗଲା ତାହା ଅତ୍ୟନ୍ତ ଦୁଃଖଦ ବିଷୟ ତେଣୁ ସେ ସମ୍ପୂର୍ଣ ରୂପେ ଶାସକ ଦଳ ର ଇଙ୍ଗିତରେ ପ୍ରଶାସନ ଅଧିକାରୀ ମାନେ କରିଛନ୍ତି ବୋଲି ଅଭିଯୋଗ କରିଥିଲେ ।

## ବାବା ଆଖଣ୍ଡଳମଣିଙ୍କ ଜାଗର ଯାତ୍ରା ପାଇଁ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ

ଭଦ୍ରକ,୨୪/୦୧ (ନି.ପ୍ର): ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବ ବିଜେ ଆରଡ଼ି ପୀଠରେ ଆଗାମୀ ଜାଗର ମହୋତ୍ସବ ପାଳନ ଉପଲକ୍ଷେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଯୋଜନା ବୋର୍ଡ଼, ଭଦ୍ରକର ଅଧକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଦ୍ରକ ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ଚାନ୍ଦବାଲି ୧ ନଂ ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ପ୍ରିନସ୍ ରାକେଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ମନ୍ଦିର ପ୍ରଶାସନ ତରଫରୁ ବିଜୟ ଦାସ ଙ୍କ ଦ୍ୱାରା ଜାଗର ମହୋତ୍ସବ କାର୍ଯ୍ୟ ନିର୍ଘଣ୍ଟ ସମ୍ବନ୍ଧରେ ବୈଠକରେ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା । ନିର୍ଦ୍ଧାରଣ କରାଯାଇଥିବା ବିଭିନ୍ନ ପୂଜା ନୀତିର ସମୟ ସମ୍ବନ୍ଧରେ ସୂଚନା ଦିଆଯିବା ସହ ଫେବୃୟାରୀ ୧୮ ତାରିଖ ଜାଗର ଦିନ ପ୍ରାତଃ ଠା.୫.୪୫ ମି.ରୁ ରାତ୍ର ୧୧ ଘ.୩୦ ମି ପର୍ଯ୍ୟନ୍ତ ସର୍ବ ସାଧାରଣଙ୍କ ଦିଅଁ ଦର୍ଶନ ଓ ଘର୍ଷଣ ଭୋଗ ପାଇଁ ଧାର୍ଯ୍ୟ ସମୟ ସମ୍ବନ୍ଧରେ ମଧ ସୂଚନା ପ୍ରଦାନ କରାଯାଇଥିଲା । ପୁଣି ରାତ୍ର ୧. ଘ ୩୦ ମି. ରାତ୍ର ଘ. ୩.୪୫ ମି ପର୍ଯ୍ୟନ୍ତ ସର୍ବସାଧାରଣ ସୁନାବେଶ ଦର୍ଶନ ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ରାତ୍ର ୪.୩୦ ରୁ ମହାଦୀପ କୀର୍ତ୍ତନ ଆରମ୍ଭ ହୋଇ ୫ ଘଟିକା ସୁଧା ମନ୍ଦିର ଚୁଡ଼ାରେ ସ୍ଥାପନ ହେବ । ଫେବୃୟାରୀ ୧୯ ଜାଗର ପରଦିନ ପ୍ରାତଃ ୫ଟା ୧୫ ରୁ ୬ଟା ୩୦ ମିନିଟ୍ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ସୁନାବେଶ ଦର୍ଶନ ପାଇଁ ସମୟ ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିବିସିର ବିବାଦୀୟ ଡକ୍ୟୁମେଣ୍ଟାରୀ....

ଉଦ୍ଦେଶ୍ୟ ପ୍ରଣୋଦିତ । ନିର୍ଦ୍ଦିଷ୍ଟ ଗୋଷ୍ଠୀର ବ୍ୟକ୍ତି ମୋଦୀଙ୍କୁ ବଦନାମ କରିବାକୁ ଏଭଳି ପ୍ରୟାସ କରାଯାଉଛି ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି । ଏହାପରେ ଆମେରିକା କହିଛି ଡକ୍ୟୁମେଂଟାରୀ ବାବଦରେ ସେମାନେ ଅବଗତ ନାହାନ୍ତି । କିନ୍ତୁ ଦୁଇ ଦେଶର ଗଣତାନ୍ତ୍ରିକ ମୂଲ୍ୟକୁ ବଜାଇ ରଖିବାରେ ଆମେରିକା ଗୁରୁତ୍ୱ ଦେବ ବୋଲି କହିଛି । ଅନ୍ୟପଟେ ବିବିସିର ଏହି ଡକ୍ୟୁମେଂଟାରୀ ବିରୋଧରେ ତଦନ୍ତ ଦାବି ଜୋର ଧରିଛି । ଅନଲାଇନ୍ ପିଟିସନ ଦାୟର କରି ତଦନ୍ତ ଦାବି ହୋଇଛି । ବିବିସି ଘଟଣାର ମୂଳ କଥାକୁ ଉଲ୍ଲେଖ କରି ନାହିଁ । ଏହା ହିନ୍ଦୁ ବିରୋଧୀ ଡକ୍ୟୁମେଂଟାରୀ ବୋଲି ହିନ୍ଦୁ ଫୋରମ୍ ଅଫ୍ ବ୍ରିଟେନ୍ କହିଛି । ଦଙ୍ଗା ମାମଲାରେ ସୁପ୍ରିମକୋର୍ଟ ମୋଦୀଙ୍କୁ କ୍ଲିନଚିଟ୍ ଦେଇଛନ୍ତି । ଏହାପରେ ବି କିଛି ଲୋକ ବିବିସିକୁ ସୁପ୍ରିମକୋର୍ଟଙ୍କ ଉପରେ ବୋଲି ମନେ କରୁଛନ୍ତି । ଆଉ ନିଜର ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ନିଚ ସ୍ତରକୁ ଯାଉଛନ୍ତି ବୋଲି କେନ୍ଦ୍ର ଆଇନ୍ ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ।

### ବିଜେପି ସାଂସଦଙ୍କ ସାଂଘାତିକ....

ବେସରକାରୀ ଖଣିରେ ଦୁର୍ନୀତି ହୋଇଥିବା କେନ୍ଦ୍ର ଆଗରେ ମାନିଛନ୍ତି ରାଜ୍ୟ ସରକାର । ଖଣିରେ ହୋଇଥିବା ଅନିୟମିତତା ସଂପର୍କରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି କେନ୍ଦ୍ର ସରକାର । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି, ବହୁବାର ସଂସଦରେ ଓଡିଶାର ଖଣି ଚୋରି ପ୍ରସଙ୍ଗ ଉଠାଇଛନ୍ତି । ଏବେ କେନ୍ଦ୍ର ଖଣିମନ୍ତ୍ରୀଙ୍କ ଚିଠି ଆସିବା ପରେ ସେ ରାଜ୍ୟ ସରକାରଙ୍କୁ ଖଣି ଅନିୟମିତତାକୁ ନେଇ ଏକାଧିକ ପ୍ରଶ୍ନ କରିଛନ୍ତି । ଏଥିସହ ଖଣି ଅଂଚଳରେ ଆନ୍ଦୋଳନ ହେଲେ ରାଜ୍ୟ ସରକାର ଦାୟୀ ରହିବେ କି ବୋଲି ପ୍ରଶ୍ନ କରିଛନ୍ତି ଅପରାଜିତା । ସେପଟେ ବିଜେଡି ଜବାବ ଦେଇ କହିଛି, ସାଂସଦଙ୍କ ପାଖରେ ଯଦି ତଥ୍ୟ ଅଛି ତେବେ ଦିଅନ୍ତୁ । କେବଳ ଅଭିଯୋଗ ଆଣିବା ପାଇଁ ରାଜ୍ୟ ସରକାରଙ୍କ ନାଁରେ ଏଭଳି ଅଭିଯୋଗ ଆଣନ୍ତୁ ନାହିଁ । ଆଗାମୀ ଦିନରେ କେନ୍ଦୁଝର, ରାୟଗଡା, ସୁନ୍ଦରଗଡ, ଏବଂ ଯାଜପୁର ଅଂଚଳର ଲୋକଙ୍କ ସହ ଖଣି ଅଂଚଳ ପରିଦର୍ଶନ କରିବେ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ।

### ନୀତୀଶଙ୍କ ଜେଡିୟୁରେ ଫାଟ....

ଫସାଇବାକୁ ପ୍ରୟାସ କରୁଛନ୍ତି । ଆଉ ଦଳରେ ଥିବା କିଛି ଅସନ୍ତୁଷ୍ଟ ବିଧାୟକ ଏବଂ ସାଂସଦଙ୍କ ସ୍ୱର ହୋଇଛନ୍ତି । ଯେଉଁମାନେ ନିଜର ରାଜନୈତିକ ଭବିଷ୍ୟତକୁ ନେଇ ଚିନ୍ତିତ । ବିହାରରେ ବିଜେପି ସହ ମେଂଟ ଭାଙ୍ଗି ଆରଜେଡି ସହ ନୀତୀଶ କୁମାର ସରକାର ଗଢିଛନ୍ତି । ହଠାତ୍ ଏଭଳି ଆଭିମୁଖ୍ୟ ବଦଳିବା ପରେ ଅନେକ ଜେଡିୟୁ ନେତା ଓ କର୍ମୀ ଦଳର ଆରଜେଡି ସହ ଡିଲ୍ ବାବଦରେ ଜାଣିବାକୁ ଚାହୁଁଛନ୍ତି । ହେଲେ ଦଳ ନିରବ ରହିଛି । ଯାହାକୁ ନେଇ ତୃଣମୂଳ ସ୍ତରରେ ପ୍ରଶ୍ନ ଉଠିବା ପରେ ଏବେ ଅସନ୍ତୁଷ୍ଟ ସେମାନେ ଗୋଟିଏ ଗୋଷ୍ଠୀ ହୋଇଥିବା ସୂଚନା ରହିଛି ।

### ଜିଓ ଟ୍ରୁ ୫ଜି ସେବା ସମ୍ପ୍ରତି ଓଡ଼ିଶାର....

ଆମେ ଅତ୍ୟନ୍ତ ଉଲ୍ଲସିତ ଅଛୁ ଏବଂ ଏଥିସହିତ ଦେଶର ମୋଟ ୧୮୪ଟି ସହରରେ ଜିଓ ଟ୍ରୁ ୫ଜି ସେବା ଉପଲବ୍ଧ ହେଉଛି । ଏହା ଏପର୍ଯ୍ୟନ୍ତ କେବଳ ଭାରତ ନୁହେଁ, ପୃଥିବୀର ଯେକୌଣସି ସ୍ଥାନରେ ଅନ୍ୟତମ ସର୍ବବୃହତ ୫ଜି ସେବା ପ୍ରଚଳନ ହୋଇଛି । ସମଗ୍ର ଦେଶରେ ଆମେ ଟ୍ରୁ ୫ଜି ସେବା ପ୍ରଚଳନର ବେଗ (ସ୍ପିଡ) ଓ ସାନ୍ଦ୍ରତା (ଇଣ୍ଟେନ୍ସିଟି)କୁ ତ୍ୱରାନ୍ୱିତ କରିଛୁ, କାରଣ ପ୍ରତ୍ୟେକ ଜିଓ ବ୍ୟବହାରକାରୀ ଜିଓ ଟ୍ରୁ ୫ଜି ପ୍ରଯୁକ୍ତିର ରୂପାନ୍ତରଣକାରୀ ଫାଇଦା ନୂଆବର୍ଷ ୨୦୨୩ରେ ପାଆନ୍ତୁ ବୋଲି ଆମେ ଚାହୁଁଛୁ । ଜିଓ ଟ୍ରୁ ୫ଜି ସେବାରୁ ସମଗ୍ର ଦେଶରେ ୨୦୨୩ ଡିସେମ୍ବର ସୁଦ୍ଧା ଉପଲବ୍ଧ ହେବ ଏବଂ ସମସ୍ତ ଉପଭୋକ୍ତା ଏହା ଉପଭୋଗ କରିବାକୁ ସମର୍ଥ ହେବେ । ପ୍ରତ୍ୟେକ ଭୌଗୋଳିକ ଅଂଚଳକୁ ଡିଜିଟାଇଜ କରିବା ଦିଗରେ ଆମ ପ୍ରୟାସରେ ସେମାନଙ୍କର ନିରନ୍ତର ସମର୍ଥନ ପାଇଁ ଆମେ ଆନ୍ଧ୍ରପ୍ରଦେଶ, ଆସାମ, ଛତିଶଗଡ, ଗୋଆ, ହରିଆଣା, ଝାଡଖଣ୍ଡ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଓଡ଼ିଶା, ପୁଡୁଚେରୀ, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ ଆଦି ରାଜ୍ୟ ସରକାରମାନଙ୍କ ନିକଟରେ କୃତଜ୍ଞ ।"

# ନଳକୂପ ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଜୟପୁର,୨୪/୦୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଧନପୁର ଗ୍ରାମର ଗାଧବା ସାହିର ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଗାଧବା ସାହିରେ ୬୦ ପରିବାର ରହୁଥିବା ବେଳେ ପାନିୟ ଜଳର ସମସ୍ୟା ଦେଖାଯାଇଛି । ସାହି ବାସିନ୍ଦା ପଂଚାୟତ କାର୍ଯ୍ୟାଳୟରେ ଥିବା ନଳ କୂପ ଉପରେ ନିର୍ଭର କରୁଛନ୍ତି । ତେଣୁ ତୁରନ୍ତ ନଳକୂପ ଖନନ କରିବାକୁ ଗ୍ରାମବାସୀ ମାନେ ଜୟପୁର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ଦାବି ପତ୍ର ପ୍ରଦାନ କରିଛନ୍ତି । ଅନେଇ ମଙ୍ଗଳା ଗାଧବା, ବାଲେଶ ଗାଧବା, ରାମ ଚନ୍ଦ୍ର ଗାଧବା ପ୍ରମୁଖ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଛନ୍ତି ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ବାଲେଶ୍ୱର,୨୪/୦୧ (ନି.ପ୍ର): ମଙ୍ଗଳବାର ଅପରାହ୍ନ ୩ଘଟିକା ସମୟରେ ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ, ଆଶ୍ରମର କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଙ୍କ ସଭାପତିତ୍ୱରେ, ଆଗମୌଦା ଗ୍ରାମ ନିବାସୀ ଦିବଙ୍ଗତ ପ୍ରଫୁଲ୍ଲ ବାରିକ-ସଞ୍ଜୁଲତା ବାରିକଙ୍କ ସୁପୁତ୍ର ଉମାକାନ୍ତ ବାରିକ-ରେବତୀ ବାରିକଙ୍କ ସୁପୁତ୍ର ସତ୍ୟଜିତ୍ ବାରିକଙ୍କ ର ଏବଂ ପୋଡାଡିହା ଗ୍ରାମ ନିବାସୀ ଅର୍ଜୁନ ଗିରି-ମୁନିମତୀ ଜୟନ୍ତୀ ଗିରିଙ୍କ ସୁପୁତ୍ର ସୁବ୍ରତ ଗିରି-ସରସ୍ୱତୀ ଗିରିଙ୍କ ସୁପୁତ୍ର ଶୁଭ୍ରାଂଶୁ ଗିରିଙ୍କର ଶୁଭ ଜନ୍ମଦିନ ମହା ସମାରୋହରେ ପାଳିତ ସୋଇଯାଇଛି । ମୁଖ୍ୟ ବକ୍ତା ଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି । ମୁଖ୍ୟ ଅତିଥି ଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର ଯୋଗଶିକ୍ଷିକା କଳ୍ପନା ମିସ୍ତ୍ରୀ ମହୋଦୟା ।ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା । ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷିକା ମଞ୍ଜୁଲତା ବେହେରା । ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ସମୂହ ଆଶିର୍ବଚନ ପ୍ରଦାନ କରାଯାଇଥିଲା ।ଉପସ୍ଥିତ ଥିଲେ ମୁନିରାଜ୍ଞୀ ବିମଳା ଲେଙ୍କା, ଯମୁନା ପାତ୍ର, ସୁମତୀ ଦଳାଇ, ଉର୍ମିଳା ପଣ୍ଡା, ମିନତୀ ବର, ସିନ୍ଧୁ ସିଂ,ଗଣେଶ୍ୱର, ଚିତ୍ତରଞ୍ଜନ ବର,ଆରତୀ ଗିରି, ଜାହ୍ନବୀ ଗିରୀ,ପୂର୍ଣ୍ଣମା ବର,ଯମୁନା ବର,ନିନ ସାହୁ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର,ଯମୁନା ପାତ୍ର,ଶ୍ରୀପତି ବେହେରା,ପାର୍ବତୀ ସେଠି,ଅପୂର୍ବ ବେହେରା ଇତ୍ୟାଦି ଶିବମୁନିଙ୍କ ପରିବାରର ବହୁ ସଦସ୍ୟ-ସଦସ୍ୟାବୃନ୍ଦ । ଶେଷରେ ଉମାକାନ୍ତ ବାରିକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ମିଷ୍ଟାନ୍ନ ଭୋଜନରେ ଆପ୍ୟାୟିତ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ ପାଳିତ




ବାଲେଶ୍ୱର,୨୪/୦୧ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ ଶିଶୁକନ୍ୟା ଦିବସ-୨୦୨୩ ଉତ୍କଳ ବାଳାଶ୍ରମ ପରିସରରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଦତାତ୍ରେୟ ଭାଉସାହେବ ସିନ୍ଦେ ମୁଖ୍ୟ ଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କନ୍ୟା ହେଉଛନ୍ତି ଅମୂଲ୍ୟ ରତ୍ନ । ସମାଜ ଗଠନ ଓ ଦେଶ ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ସରକାର କନ୍ୟା ସନ୍ତାନମାନଙ୍କୁ ପ୍ରଦତ୍ତ ଯୋଜନା ବିଷୟରେ ବକ୍ତବ୍ୟ ରଖିଥିଲେ । ଏହି ଉପଲକ୍ଷେ ଆୟୋଜିତ ସଭାରେ ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀଙ୍କ ଅଧକ୍ଷତା କରିଥିଲେ । ଶିଶୁ ମଙ୍ଗଳ କମିଟି ଅଧକ୍ଷ ଭାଗୀରଥୀ ବାରିକ, ପୂର୍ବତନ ଶିଶୁମଙ୍ଗଳ କମିଟି ସଭ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସଭ୍ୟା ଗୌରୀ ରାଣୀ ଉପାଧ୍ୟାୟ, ଆଶିଷ ଘୋଷ ଓ ପଦ୍ମଲୋଚନ ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କନ୍ୟା ଶିଶୁ ସୁରକ୍ଷା ଯତ୍ନ ଶିକ୍ଷା ପ୍ରସାରଣ ବିଷୟରେ ଆଲୋଚନା କରିଥିଲେ । ସଂପାଦକ ସଂଯୁକ୍ତା ରାଉଳ ସଭା ଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟରେ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ତଥା ଜିଲ୍ଲାର ଗତି ମେଟ୍ରିକ ଓ ଉଚ୍ଚ ମାଧମିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୦ଜଣ ଛାତ୍ରୀଙ୍କୁ ସରକାରଙ୍କ ଦ୍ୱାରା ମାନପତ୍ର ନଗଦ ୧୦ ହଜାର ଟଙ୍କା ରାଶି ପ୍ରଦାନ କରାଯାଇଥିଲା ।

ବୁଧବାର, ଜାନୁଆରୀ ୨୫, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସାଧାରଣତନ୍ତ୍ର ଦିବସ ପାଇଁ ୩ ଦିନିଆ ଅଭ୍ୟାସ ପ୍ୟାରେଡ୍ ଶେଷ

ବାଲେଶ୍ୱର,୨୪/୦୧ (ନି.ପ୍ର): ଜିଲ୍ଲାସ୍ତରୀୟ ଜନରାଜ୍ୟ ଦିବସ ଉପଲକ୍ଷେ ୨୨ ତାରିଖ ଠାରୁ ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆରେ ଆରମ୍ଭ ହୋଇଥିବା ଅଭ୍ୟାସ ପ୍ୟାରେଡ୍ ମଙ୍ଗଳବାର ଶେଷ ହୋଇଛି । ବାଲେଶ୍ୱର ସହର ସମେତ ଉପକଣ୍ଠ ଅଞ୍ଚଳର ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ, ପୁଲିସ, ହୋମଗାର୍ଡ଼ ଏବଂ ପୁଲିସ ବ୍ୟାଣ୍ଡ୍ ପାର୍ଟି ଟ୍ରୁପଙ୍କ ସମେତ ପଞ୍ଜୀକରଣ କରିଥିବା ମୋଟ ୪୪ଟି ଟିମ୍ ଏହି ଅଭ୍ୟାସ ପ÷ାରେଡ଼ରେ ସାମିଲ ହୋଇଥିଲେ । ଏହି ଅଭ୍ୟାସ ପ୍ୟାରେଡ୍‌ର ଶେଷ ଦିବସରେ ୭ଗୋଟି ଟିମ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଅଭ୍ୟାସ କରାଯାଇଛି ବୋଲି ରିଜର୍ଭ ପୁଲିସ ଇନ୍ସପେକ୍ଟର ତଥା ପ୍ୟାରେଡ୍ କମାଣ୍ଡର ବୀରେନ କୁମାର ବେହେରା ସୂଚନା ଦେଇଛନ୍ତି । ସେକେଣ୍ଡ କମାଣ୍ଡର ସିକର ଶଙ୍କର ଟୁଡୁଙ୍କ ସମେତ ପ୍ଲାଟୁନ କମାଣ୍ଡର ରାଜୀବ କୁମାର ମାରାଣ୍ଡି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଏହି ତିନି ଦିନିଆ ଅଭ୍ୟାସ ପ୍ୟାରେଡ୍ ପରିଚାଳନା କରିଥିଲେ । କୋଭିଡ କଟକଣା ଯୋଗୁଁ ଦୀର୍ଘ ଦୁଇ ବର୍ଷ ଧରି ସାମୂହିକ ପ୍ୟାରେଡ ବନ୍ଦ ଥିବାବେଳେ ଚଳିତବର୍ଷ ଜିଲ୍ଲାସ୍ତରୀୟ ଜନରାଜ୍ୟ ଦିବସକୁ ଆଡମ୍ବର ସହକାରେ ପାଳନ କରିବା ପାଇଁ ପ୍ୟାରେଡ୍ ପଡ଼ିଆ ସମତୁଲ କରିବା, ପ୍ୟାରେଡ୍ ଟିମ୍‌କୁ ବିଭିନ୍ନ ସ୍କୁଲରୁ ନେବା ଆଣିବା ଏମିତିକି ନିରାପତ୍ତା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଜିଲ୍ଲା ପୁଲିସ ସମେତ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସୁରକ୍ଷା ଦାୟିତ୍ୱରେ ଦଶ ପ୍ଲାଟୁନ୍ ପୋଲିସ ଫୋର୍ସ, ୨୦ଜଣ ଏ.ଏସ.ଆଇ,୧୦ଜଣ ଇନ୍ସପେକ୍ଟରଙ୍କ ସମେତ ୪ ଜଣ ଡିଏସପି ମୁତୟନ ହୋଇଛନ୍ତି । ତେବେ ପୋଲିସ ଲାଇନ ପଡିଆରେ ଉଡୁଥିବା ଧୂଳିକୁ ନେଇ ଅଭ୍ୟାସରତ ଛାତ୍ରଛାତ୍ରୀଙ୍କ ମଧରେ ତୀବ୍ର ଅସନ୍ତୋଷ ପରିଲକ୍ଷିତ ହୋଇଛି । ପ୍ୟାରେଡ ଟ୍ରାକରେ ପାଣି ସିଂଚନ ପାଇଁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଥିଲେ ବି ବିଭାଗୀୟ ଉଦାସୀନତା ଓ ସମନ୍ୱୟ ଅଭାବରୁ ଛାତ୍ରଛାତ୍ରୀଙ୍କୁ ଧୂଳିଧୂଷର ହେବାକୁ ପଡ଼ିଥିବା ଦେଖିବାକୁ ମିଳିଛି ।

# ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘର ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ



ଖୋର୍ଦ୍ଧା,୨୪/୦୧ (ନି.ପ୍ର): ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘ ଅଷ୍ଟମ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ଖୋର୍ଦ୍ଧା ଜୟୀରାଜଗୁରୁ ଭବନ (ଟାଉନ ହଲ) ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀଙ୍କ ସଭାପତିତ୍ୱରେ ପ୍ରତିଷ୍ଠାତା ସମ୍ପାଦକ ଲଳିତ ମୋହନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତି ଯୋଗ ଦେଇ ଜିଲ୍ଲାରେ ଥିବା ଭୂମିହୀନ ଗଣମାଧମ ପ୍ରତିନିଧିଙ୍କୁ ଜମି ଯୋଗାଇ ଦେବା ପାଇଁ ପ୍ରଚେଷ୍ଟା ଜାରି ରହିବ ବୋଲି ବକ୍ତବ୍ୟ ରଖିଥିଲେ । ଏହା ଛଡ଼ା ଗଣ ମାଧମ ହେଉଛନ୍ତି ପ୍ରଶାସନ, ଜନସାଧାରଣ ଏବଂ ସରକାରଙ୍କର ଏକ ମାଧମ । ଗଣମାଧମ ଠାରୁ ସରକାର ଏବଂ ପ୍ରଶାସନ ଅଧିକାରୀ ବିଭିନ୍ନ ତଥ୍ୟ ପାଇଥାନ୍ତି । ଯେଉଁଥି ପାଇଁ ସରକାରଙ୍କ ବିଭିନ୍ନ ଯୋଜନାକୁ ସଫଳ ରୂପାୟନରେ ପରିପୂରଣ ହୋଇପାରିଥାଏ ବୋଲି ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ । ଅନ୍ୟତମ ଅତିଥି ଭାବରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଗଣମାଧମର ଭୂମିକା ଉପରେ ଗୁରତ୍ୱ ଆରୋପ କରିବା ସହିତ ଗଣ ମଧମ ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ । ଏକ ସୁସ୍ଥ ସମାଜ ଗଠନ କରିବାରେ ଗଣମାଧମର ଭୂମିକା ଅତୁଳନୀୟ ବୋଲି ଶ୍ରୀ ମିତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ । ଗଣମାଧମ ନଥିଲେ ନା ସରକାର, ନା ପ୍ରଶାସନ କେହିବି ଆଗକୁ ବଢି ପାରିବେ ନାହିଁ କିମ୍ବା ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ନାହିଁ ବୋଲି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ । ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ବିଜୁ ମହିଳା ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ଶ୍ରୀମତୀ ବାସନ୍ତୀ ମହାପାତ୍ର ଗଣମାଧମଙ୍କୁ ଭୂୟସି ପ୍ରଶଂସା କରିବା ସହିତ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଶେଷ କରି ସ୍ୱାସ୍ଥ୍ୟ ବୀମା ରାଶିଙ୍କୁ ବଢାଇବା, ଭୂମୀହୀନ ସାମ୍ବାଦିକଙ୍କୁ ଜମି ପଟା ଯୋଗାଇବା, ସାମ୍ବାଦିକ ସୁରକ୍ଷା ନିମନ୍ତେ ଆଇନ ପ୍ରଣୟନ କରିବା ଏବଂ ବିଶେଷ କରି ସାମ୍ବାଦିକମାନଙ୍କର ପେନସନ୍ ଯୋଜନା ଲାଗୁ କରାଇବା ପାଇଁ ସରକାରଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରି ଯଥା ଶୀଘ୍ର ସମାଧାନର ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଗଣମାଧମ ସରକାର ଏବଂ ସାଧାରଣ ଜନତା ଉଭୟଙ୍କ ମଧରେ ପରିପୂରକ । ରାଷ୍ଟ୍ର ଗଠନରେ, ସୁସ୍ଥ ସମାଜ ଗଠନରେ ଗଣମାଧମର ପ୍ରତିନିଧିଙ୍କ ଭୂମିକା ଅତୁଳନୀୟ ବୋଲି ଶ୍ରୀମତୀ ମହାପାତ୍ର କହିଥିଲେ ।

## ଉର୍ଜାବାନ ଓଡିଶା ପରିବାର ପକ୍ଷରୁ ଜାତୀୟ ବାଳିକା ଦିବସ ପାଳିତ

ପୁରୀ,୨୪/୦୧ (ନି.ପ୍ର): ସମାଜର ସାମଗ୍ରିକ ବିକାଶ ପାଇଁ ନାରୀ ସଶକ୍ତିକରଣର ଆବଶ୍ୟକତା ରହିଛି । ତେଣୁ ସେମାନଙ୍କୁ ବାଳିକା ଅବସ୍ଥା ରୁ ଶାରୀରିକ, ମାନସିକ, ଶୈକ୍ଷିକ ତଥା ଅର୍ଥନୈତିକ କ୍ଷେତ୍ରରେ ସୁଦୃଢ କରିବା ଉଚିତ୍ । ଏହି ଲକ୍ଷ୍ୟ ନେଇ ଆଜି ଉର୍ଜାବାନ ଓଡିଶା ପରିବାର ପକ୍ଷରୁ ସ୍ଥାନୀୟ ଜନ ମଙ୍ଗଳ ସମିତି ବଳିଆପଣ୍ଡା ଠାରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି । ସଭାପତି ସନ୍ତୋଷ ସେନାପତି ନିଜ ବକ୍ତବ୍ୟରେ ପୁଅ ଝିଅ ଭେଦଭାବ ବନ୍ଦ କରିବା ସହ ଝିଅ ମାନଙ୍କୁ ସମାଜର ଆଗ ଧାଡିରେ ସାମିଲ ହେବା ପାଇଁ ପ୍ରୋତ୍ସାହିତ କରିଥିଲେ । ସମ୍ପାଦିକା ନିହାରିକା ତ୍ରିପାଠୀ ନିଜ ବ୍ୟକ୍ତିଗତ ଜୀବନରେ ଅନେକ ସ୍ଥାନରେ ବାଳିକା ମାନଙ୍କୁ ପରିବାର ଲୋକେ ପାଠ ପଢା ରେ ଅବହେଳା କରି ଖୁବ୍ କମ୍ ବୟସରେ ବିବାହ କରିବା ଯୋଗୁଁ ଉପୁଜୁଥିବା ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ମତ ପୋଷଣ କରିଥିଲେ ।

# ସୁରେନ୍ଦ୍ର ନାଥ ସାମଲଙ୍କ ସ୍ମୃତିରେ 'ସ୍ମୃତିର ସୁରଭି' ଉନ୍ମୋଚିତ



ବାଲେଶ୍ୱର,୨୪/୦୧ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଅବିଭକ୍ତ ଗେଙ୍ଗୁଟି ପଞ୍ଚାୟତର ପାଖରସାଉଁ ଗ୍ରାମରେ ଜନ୍ମିତ ସମାଜସେବୀ ତଥା ବହୁ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ସୁରେନ୍ଦ୍ର ନାଥ ସାମଲଙ୍କ ଅମ୍ଲାନ ସ୍ମୃତିରେ ପ୍ରକାଶ ପାଇଥିବା ସ୍ମୃତିଗ୍ରନ୍ଥ 'ସ୍ମୃତିର ସୁରଭି'କୁ ଗତ ୨୧ତାରିଖ ସନ୍ଧ୍ୟାରେ ଶତାଧିକ ବ୍ୟକ୍ତି ସମବେତ ହୋଇ ଉନ୍ମୋଚନ କରିବା ଅବସରରେ ପାଖରସାଉଁ ଅଞ୍ଚଳର ବିବିଧ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସୁରେନ୍ଦ୍ର ନାଥ ସାମଲଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପାଖରସାଉଁ ଗ୍ରାମର ୰ରାମଚନ୍ଦ୍ର ସାମଲ ଓ ମାତା ୰ପାର୍ବତୀ ସାମଲଙ୍କ ସୁପୁତ୍ର ସୁରେନ୍ଦ୍ର ନାଥ ସାମଲ ୧୯୫୩ମସିହାରେ ଜନ୍ମଗ୍ରହଣ କରିବା ପରେ ଉଚ୍ଚଶିକ୍ଷା ଲାଭ କରି ପ୍ରଥମେ ତାଙ୍କ ଗାଁରେ ଅନ୍ୟମାନଙ୍କୁ ଏକଜୁଟ କରି ଆଞ୍ଚଳିକ ହାଇସ୍କୁଲ ସାଉଁ ପ୍ରତିଷ୍ଠା କରି ତହିଁରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ଅଳ୍ପ କିଛିବର୍ଷ ପରେ ବିଦ୍ୟୁତବିଭାଗରେ ନିଯୁକ୍ତି ପାଇ ସେ ବିଦ୍ୟୁତବିଭାଗର ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବେ ବୃତ୍ତିଗତ ଜୀବନର ବ୍ୟସ୍ତତା ମଧରେ ରହି ମଧ ଗାଁମାଟିର ଉନ୍ନତି ପାଇଁ ଅହରହ ସଂଗ୍ରାମ କରୁଥିଲେ । ନିଜ ପୈତୃକସମ୍ପତ୍ତିକୁ ଦାନ ଦେଇ 'ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାମଚନ୍ଦ୍ରବିହାର' ଭଳି ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା ସହ ସାଉଁରେ ହନୁମାନ ମନ୍ଦିର, ଦୁର୍ଗାମଣ୍ଡପ, ବିଶ୍ୱେଶ୍ୱର ମନ୍ଦିର ଆଦି ଆଧ୍ୟାତ୍ମିକ ଅନୁଷ୍ଠାନ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସର୍ବୋପରି ଗାଁରେ ରଜଉତ୍ସବ, ଆଞ୍ଚଳିକ କ୍ରୀଡ଼ାଉତ୍ସବ, ବିଭିନ୍ନ ସମୟରେ ଯାନିଯାତ୍ରା ଆୟୋଜନ ଆଦିର ସେ ଥିଲେ ମୁଖ୍ୟ କର୍ତ୍ତା । ତାଙ୍କର ପରୋପକାରୀ ଗୁଣ ଓ ଗାଁ ମାଟିରେ ମମତା ତାଙ୍କୁ ଜଣେ ଗାଁମାଟିର ସୁନାପୁଅର ପରିଚୟ ଦେଇଥିଲା । ଗତ ୧୧ତାରିଖରେ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା । ଗତ ୨୧ତାରିଖ ଏକାଦଶାହ ତିଥିରେ ସେ ଅଞ୍ଚଳର ଶହଶହ ଜନସାଧାରଣ ସମବେତ ହୋଇ ସ୍ୱର୍ଗତ ସାମଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଯୁବଆଇନ୍‌ଜୀବୀ ପ୍ରଶାନ୍ତ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା, ସୁରେନ୍ଦ୍ର ନାଥ ସାମଲଙ୍କ ସ୍ମୃତିରେ ପ୍ରକାଶିତ ସ୍ମୃତିଗ୍ରନ୍ଥ 'ସ୍ମୃତିର ସୁରଭି'କୁ ଉନ୍ମୋଚନ କରିଥିଲେ । ସଭାରେ ୰ସାମଲଙ୍କ ସହଧର୍ମିଣୀ ପ୍ରଧାନଶିକ୍ଷୟିତ୍ରୀ ବନଲତା ସାମଲ, ପୁତ୍ର ସୌମିତ୍ କୁମାର ସାମଲ, ପୁତ୍ରବଧୂ ମାହେଶ୍ୱରୀ ସାମଲ, କନ୍ୟା ସ୍ମିତା, ସ୍ମୃତି, ସ୍ୱାତୀ, ଜ୍ୱାଇଁ ଆଶିଷ, ଦିଲ୍ଲୀପ, ପ୍ରିୟତମ ସମେତ ଭାଇ ଶୁଭେନ୍ଦୁ କୁମାର ସାମଲ, ସମାଜସେବୀ ବିଜୟ କୁମାର ଦାସ, ଭାସ୍କର ଚନ୍ଦ୍ର ପରିଡ଼ା, ପ୍ରଧାନଶିକ୍ଷକ ଜିତେନ୍ଦ୍ର ମହାପାତ୍ର, କବି ଅଭୟ ଦାସ, ବରିଷ୍ଠ ଆଇନ୍‌ଜୀବୀ ବିଜୟ ପାଣିଗ୍ରାହୀ, ସୁଧାକର ସେଠୀ, କ୍ଷୀରଚୋରା ଗୋପୀନାଥ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ବେହେରା, ହରିଦାସ ଆଚାର୍ଯ୍ୟ, ପୂର୍ବତନ ପ୍ରଧାନଶିକ୍ଷକ ବଂଶୀଧର ପାତ୍ର, ପ୍ରଧାନ ଆଚାର୍ଯ୍ୟ ଅର୍ଜୁନ ଚରଣ ଦାସ, ସ୍ୱର୍ଣ୍ଣପ୍ରଭା ପୁହାଣ, ଅଦ୍ୱୈତ ମହାନ୍ତି ଏବଂ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ସାଉଁର ଛାତ୍ରଛାତ୍ରୀ, ଗୁରୁମା' ତଥା ଗ୍ରାମବାସୀମାନେ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଶେଷରେ ୰ସାମଲ୍‌ଙ୍କ ପୁତ୍ର ସୌମିତ୍ କୁମାର ସାମଲ(ରାଜା) ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଜାତୀୟ ଶିଶୁକନ୍ୟା ଦିବସ'ରେ ସଚେତନତା ଶୋଭାଯାତ୍ରା

ବାଲେଶ୍ୱର,୨୪/୦୧ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ 'ଜାତୀୟ ଶିଶୁକନ୍ୟା ଦିବସ-୨୦୨୩' ସୋମବାର ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା । ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ପତାକା ଦେଖାଇ ଏହି ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଭାରତୀୟ ସାମାଜିକ ବ୍ୟବସ୍ଥାରେ କନ୍ୟାରତ୍ନଙ୍କ ସୁରକ୍ଷା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି ବୋଲି ସେ କହିଥିଲେ । ସଂସ୍କାରଯୁକ୍ତ ସମାଜ ଗଠନର ମୂଳ ମାଆ ହୋଇଥିବା ବେଳେ ଶିଶୁକନ୍ୟାର ସୁରକ୍ଷା ପ୍ରତି ସବୁ ମହଲରୁ ଉଦ୍ୟମ ପାଇଁ ଶ୍ରୀ ମହାପାତ୍ର ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ ଓ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏଥିରେ ଉପସ୍ଥିତ ରହି ଶିଶୁକନ୍ୟା ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରୀଙ୍କ ସମେତ ଅଙ୍ଗନବାଡି କର୍ମୀ ଓ ସହାୟିକା ଏବଂ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇ କନ୍ୟା ସୁରକ୍ଷା ପାଇଁ ଜନସଚେତନତା ସୃଷ୍ଟି କରିଥିଲେ ।

# ଏମ୍‌ପିଏଲ୍ ଫାଇନାଲରେ ଦି ବ୍ରଦର୍ସ ଚାମ୍ପିୟନ




ଭଦ୍ରକ,୨୪/୦୧ (ନି.ପ୍ର): ଭଦ୍ରକ ବ୍ଲକ ବ୍ରହ୍ମପୁର ପଞ୍ଚାୟତ ମାରପୁର ଗ୍ରାମର ସାଇ ଶଙ୍କର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଏମ୍‌ପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଇଚ୍ଛାପୁର ଗ୍ରାମର ଦି ବ୍ରଦର୍ସ ଦଳ ବ୍ରହ୍ମପୁର ଗ୍ରାମର ରାଇଜିଂ ଷ୍ଟାର କ୍ରିକେଟ ଦଳକୁ ହରାଇ ଚାମ୍ପିୟନ ହୋଇଛି । ପ୍ରଥମେ ବ୍ରଦର୍ସ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟରେ ୩୯୮ ରନ କରିଥିଲା । ଦଳ ପକ୍ଷରୁ ଶଶାଙ୍କ ଚକ୍ରବର୍ତ୍ତୀ ୧୧୪ ରନ କରିଥିଲେ । ରାଇଜିଂ ଷ୍ଟାର ପକ୍ଷରୁ ନାଗାର୍ଜୁନ ୨ଟି ଉଇକେଟ ଅକ୍ତିଆର କରିଥିଲେ । ପରେ ବ୍ୟାଟିଂ କରି ରାଇଜିଂ ଷ୍ଟାର ଦଳ ୧୯.୫ ଓଭରରେ ୨୭୩ ରନ କରି ଅଲ୍ ଆଉଟ ହୋଇ ଯାଇଥିଲେ । ଦଳ ପକ୍ଷରୁ ସ୍ୱାଧୀନ ମଲ୍ଲିକ ୧୧୮ ରନ କରିଥିଲେ । ବ୍ରଦର୍ସ ପକ୍ଷରୁ ସାହିଦ୍ ଖାଁ ୩ଟି ଉଇକେଟ ନେଇଥିଲେ । ବ୍ରଦର୍ସ ଦଳ ୧୨୧ ରନରେ ବିଜୟୀ ହୋଇଥିଲା । ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସାହିଦ୍ ଖାଁ ବିବେଚିତ ହୋଇଥିବା ବେଳେ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଶଶାଙ୍କ ଚକ୍ରବର୍ତ୍ତୀ ବିବେଚିତ ହୋଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ ଅନନ୍ତ ବେହେରା, ସମାଜସେବୀ ସତ୍ୟବାନ ସେନାପତି, ତପନ ସେନାପତି, ବିଶ୍ୱକର୍ମା ସାହୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ।

## ରାଉରକେଲା ସିଟି ଫେଷ୍ଟିଭାଲରେ ମୟୁରଭଂଜର ଦୁଇ ଖେଳାଳିଙ୍କ ସଫଳତା




ବାରିପଦା,୨୪/୦୧ (ନି.ପ୍ର): ଓଡିଶା ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ରାଉରକେଲାର ମେଲଣ ପଡିଆରେ ଆୟୋଜିତ ରାଉରକେଲା ସିଟି ଫେଷ୍ଟିଭାଲ ୨୧ ତାରିଖ ଦିନ ୧୦ କିଲୋମିଟର ଉଭୟ ପୁରୁଷ ଓ ମହିଳା ମାରାଥନ ଦୌଡ଼ରେ ମୟୁରଭଂଜର ସନ୍ଧ୍ୟାରାଣୀ ମୁର୍ମୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ୫ କିଲୋମିଟର ୱାକାଥନରେ ମୟୁରଭଂଜର ଦଲଣ ଚନ୍ଦ୍ର କୁଅଁର ଦେଓ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି । ସନ୍ଧ୍ୟାଙ୍କୁ ପ୍ରମାଣ ପତ୍ର ସହ ନଗଦ ୧୦ ହଜାର ଓ ଦଲଣଙ୍କୁ ପ୍ରମାଣ ପତ୍ର ସହ ନଗଦ ୫ ହଜାର ଟଙ୍କା ପୁରସ୍କାର ମିଳିଛି । ଏହି କୃତିତ୍ୱ ପାଇଁ ଉଭୟ ଖେଳାଳିଙ୍କୁ ବହୁ ପ୍ରଶଂସା କରାଯାଇଛି ।

## ବକ୍ସି ଜଗବନ୍ଧୁଙ୍କ ତିରୋଧାନ ଦିବସରେ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୨୪/୦୧ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ତିରୋଧାନ ଦିବସରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ପାଇକ ବିଦ୍ରୋହର ମହାନାୟକ ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ତିରୋଧାନ ଦିବସରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି । ବ୍ରିଟିଶ ବିରୋଧରେ ପାଇକ ମାନଙ୍କୁ ସଂଗଠିତ କରିବାରେ ଏହି ମହାନ ସଂଗ୍ରାମୀଙ୍କ ରଣକୌଶଳ, ତ୍ୟାଗ ଓ ଅମାପ ସାହସ ଯୁବପିଢିଙ୍କ ପାଇଁ ଚିର ଆଦର୍ଶ ଓ ସ୍ମରଣୀୟ ହୋଇ ରହିବ ।

# ଆନ୍ତଃରାଜ୍ୟ ଫୁଟବଲ ମେଚ୍ ପାଇଁ ପ୍ରସ୍ତୁତି ବୈଠକ

ନୀଳଗିରି,୨୪/୦୧ (ନି.ପ୍ର): ଆସନ୍ତା ଜାନୁଆରୀ ୨୬ତାରିଖରେ ବେଗୁନିଆ ପଂଚାୟତର କମାରଖାଲିଆ ପଡ଼ିଆରେ ଆନ୍ତଃରାଜ୍ୟ ଫୁଟବଲ ମ୍ୟାଚ୍ ପାଇଁ ଆୟୋଜନ ଏସ.ସି. କ୍ଲବ ର ସମସ୍ତ କର୍ମକର୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି । ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟର ୮ଗୋଟି ଟିମ୍ ଯଥା ଝାଡ଼ଖଣ୍ଡ, କଟକ, ବାଲେଶ୍ୱର, ବାରିପଦା, ଜଳେଶ୍ୱର, ଟାଟା ପ୍ରମୁଖ ଦଳ ଅଂଶ ଗ୍ରହଣ କରୁଥିଲା ବେଳେ ପଶ୍ଚିମବଙ୍ଗରୁ ୫ଜଣ ରେଫେରୀ ଖେଳ ପରିଚାଳନା କରିବାକୁ ଆସୁଥିବା ବେଳେ ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ବେଙ୍ଗଲରୁ ୪ଜଣ ଚିୟର୍ସ ଗାଲ ଆସୁଥିବା ନେଇ ଆଜିର ପ୍ରସ୍ତୁତି ବୈଠକରେ କ୍ଲବର ସଭାପତି ରବିନ୍ଦ୍ର ସିଂ ସୂଚନା ଦେଇଛନ୍ତି । ଚମ୍ପିଆନ ଦଳକୁ ୪୦ହଜାର ଟଙ୍କା ଓ ରନର୍ସଅପ ଦଳକୁ ୩୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ଦାସ ପ୍ରକାଶ କରିଛନ୍ତି । ଏହି ପ୍ରସ୍ତୁତି ବୈଠକରେ କ୍ଲବର ସଂପାଦକ ପରମେଶ୍ୱର ସିଂ, ସହ ସଂପାଦକ କାକା ସିଂ, ଉପସଭାପତି ରମାକାନ୍ତ ସିଂ , ସଭ୍ୟ ଲକ୍ଷ୍ମୀଧର ସିଂ, ବିରେନ୍ଦ୍ର ସିଂ, ଦୀଲ୍ଲୀପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମହତୀପୁର ସ୍କୁଲରେ ଶିଶୁ ମହୋତ୍ସବ ଓ ଶିକ୍ଷକ ସମ୍ବର୍ଦ୍ଧନା



ଖଇରା,୨୪/୦୧ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ମଣ୍ଡଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଦ୍ୱାଦଶ ଯଦୁନାଥ ସ୍ମୃତି ଶିଶୁ ମହୋତ୍ସବ ଓ ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ସୋମବାର ଦିନ ମହତୀପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଖଇରା ମଣ୍ଡଳ ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କ ପୌରହିତ୍ୟରେ ଆୟୋଜିତ ସ୍ମୃତିସଭାରେ ରାଜ୍ୟ ସଭାପତି ବିକ୍ରମ କୁମାର ଦାଶ ମୁଖ୍ୟ ଅତିଥି, ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ମୁଖ୍ୟବକ୍ତା, ଏବିଇଓ ଶ୍ରୀଧର ବେହେରା ଓ ଗୌରାଙ୍ଗ ମହାପାତ୍ର, ସରପଞ୍ଚ ଆରତି ମହାନ୍ତି, ସମିତିସଭ୍ୟା ଭାନୁପ୍ରିୟା ସାହୁ, ଶିକ୍ଷକ ନେତା ବିଜୟ କୁମାର ଦ୍ୱିବେଦୀ, ବଳଭଦ୍ର ମିଶ୍ର,ସୁଶାନ୍ତ ଶେଖର ଦାଶ,ରବିନ୍ଦ୍ର ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ଜଗବନ୍ଧୁ ସାହୁ, ସୁଦର୍ଶନ ସେଠୀ, ଶଙ୍କର୍ଷଣ ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଦିବଂଗତ ଶିକ୍ଷକ ଯଦୁନାଥ ନାୟକଙ୍କ କର୍ତ୍ତବ୍ୟପରାୟଣତା, ସମୟାନୁବର୍ତ୍ତିତା ଉପରେ ଆଲୋକପାତ କରିଥିଲେ । ଯଦୁନାଥ ସ୍ମୃତିକମିଟିର ଟ୍ରଷ୍ଟି ଉମାକାନ୍ତ ନାୟକ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ବର୍ତ୍ତମାନର ସାରକୋଣା ୟୁପି ସ୍କୁଲର ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସଙ୍କସମେତ ୩୦ଜଣ ଅବସରପ୍ରାପ୍ତ ଶିକ୍ଷକ,ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କାରୀ ୧୯ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ପିଲାମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା ।

# ଯୁବମୋର୍ଚ୍ଚା ତରଫରୁ ବୀରସୁରେନ୍ଦ୍ର ଓ ନେତାଜୀ ସୁବାଷଙ୍କ ଜୟନ୍ତୀ ପାଳିତ



ଉଦଳା,୨୪/୦୧ (ନି.ପ୍ର): ଭାରତୀୟ ଜନତା ପାର୍ଟି, ଯୁବମୋର୍ଚ୍ଚା ଉଦଳା ଶାଖା ତରଫରୁ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସ୍ଥାନୀୟ 'ସନ୍ଧାନ' ଗୃହ ପରିସରରେ ପାଳିତ ହୋଇ ଯାଇଛି । ଏହି ଅବସରରେ ବନ୍ଦେ ମାତରଂ ଗାନ, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଅତିଥି ଓ ଯୁବମୋର୍ଚ୍ଚାର ସଦସ୍ୟ ମାନେ ଦୁଇ ମହାପୁରୁଷଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସମସ୍ତେ ଏକ ସ୍ୱରରେ ବନ୍ଦେ ମାତରଂ ଗାନ କରିଥିଲେ । ଏହାପରେ ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଦେଶକୁ ସ୍ୱାଧିନ କରିବାରେ ନେତାଜୀ ସୁବାଷ ଓ ବୀର ସୁରେନ୍ଦ୍ରଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧରେ ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ସାହିତ୍ୟିକ ପ୍ରଫୁଲ୍ଲ କୁମାର ଖିଲାର, ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି, ସଂଗଠକ ମନୋରଂଜନ ମଲ୍ଲିକ ଓ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ନେତାଜୀ ସୁବାଷ ଓ ବୀର ସୁରେନ୍ଦ୍ର ଉଭୟେ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବାରୁ ଆମେ ଓଡ଼ିଆ ମାନେ ତାଙ୍କୁ ନେଇ ଗର୍ବ ଅନୁଭବ କରୁବୋଲି ବ୍ୟକ୍ତ କରିଥିଲେ । ଏହାପରେ ଉଦଳା ଯୁବମୋର୍ଚ୍ଚାର ସଦସ୍ୟ କିଶନ କୁମାର ସାହୁ, ଯିଏକି ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଓଡ଼ିଶାରୁ ମନୋନିତ ହୋଇ ସଂସଦ ଭବନରେ ନିଜର ପରାକାଷ୍ଠା ଦେଖାଇ ସମଗ୍ର ଦେଶରେ ଚର୍ଚ୍ଚା ସୃଷ୍ଟି କରିଛନ୍ତି, ଏହି ଅବସରରେ ଅତିଥି ମାନେ ତାଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ଯୁବମୋର୍ଚ୍ଚାର ଜିଲ୍ଲା ସଂପାଦକ ପ୍ରାଚ୍ୟ ସୁମନ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉଦଳା ନଗର ସଭାପତି ଅଂଶୁମାନ ପ୍ରଧାନ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଦେବୀଶଙ୍କର କର, ଅବିନାଶ ସାହା, ବିବେକାନନ୍ଦ ଶତପଥୀ, ଅରଜ୍ୟୋତି ସ୍ୱାଇଁ , ପ୍ରୋମଦ ପାତ୍ର, ତପନ ମହାନ୍ତି, ମନୋରଂଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

## ଜଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ଶିବିର

ଖଇରା,୨୪/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗର୍ଗଙ୍ଗସ୍ଥିତ ଜଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୬ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ଶିବିର ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ଅଧକ୍ଷ ଗଜେନ୍ଦ୍ର ପ୍ରସାଦ ସେନାପତି ଶିବିରାର୍ଥୀନୀ ମାନଙ୍କୁ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସଂଯୋଜକ ଅଧ୍ୟାପକ ରୁଦ୍ର କୁମାର କର ଓ ଅଧ୍ୟାପକ ବସନ୍ତ କୁମାର ବାରିକଙ୍କ ଦ୍ୱାରା ପରିଚାଳିତ ଶିବିରରେ ପ୍ରଶିକ୍ଷିକା ଅର୍ଚ୍ଚନା ଜେନାଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା । ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ୨୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବଦ : ୨ ଗିରଫ

ବସ୍ତା,୨୪/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ ଭୂ ସ୍ୱର୍ଗ ପାଲଟିଛି ବ୍ରାଉନ ସୁଗାର ଓ ଗଞ୍ଜେଇର କାରଖାନା । ହେଲେ ପୋଲିସ ର ହାତ ଖାଲି, ପୋଲିସ ଷ୍ଟେସନ ପଛରୁ ଧଳା ଜହର ବେପାରୀ । ତତ୍ ସହିତ ୧୯୦ଲିଟର ଦେଶୀ ମଦ ଓ ଦୁଇଟି ମଟର ସାଇକେଲ ୪ଜଣ ଗିରଫ । ଅବକାରୀ କମିଶନର ଆଶିଷକୁମାର ସିଂଙ୍କ ଗୁଇନ୍ଦା ବିଭାଗ ନେର୍ଦ୍ଦେଶକୁ ଆଧାରକରି ଯୁଗ୍ମ କମିଶନର ରାମଚନ୍ଦ୍ର ପାଲଟା, ଡେପୁଟି କମିଶନର ରଜତ ପ୍ରହରାଜ, ବାଲେଶ୍ୱର ଜିଲ୍ଲି ଅବକାରୀ ଅଧିକ୍ଷକ ସୁଶାନ୍ତକୁମାର ପାଢୀ ନିର୍ଦ୍ଦେଶକ୍ରମେ ଅବକାରୀ ଉପ ଅଧିକ୍ଷକ କଟକଗୁଇନ୍ଦା ୟୁନିଟି୨ ଅଧିକାରୀ ପ୍ରତାପଚନ୍ଦ୍ରଦାସ ଆଇଆଇସି ସତ୍ୟଜିତ ଖଟୁଆ ଙ୍କ ପ୍ରତ୍ୟେକ୍ଷ ତତ୍ୱବଧାନରେ ୧୦ଜଣିଆଟିମ ମିଳିତ ଚଢଉକରି ୬୦ନମ୍ବର ଜାତୀୟ ରାଜପଥ ରାଜଘାଟ ଚାଲନ୍ତି ବାୟପାସ ନିକଟରୁ ଦେଶି ମଦ ୧ ଶହ୯୦ଲିଟର ଏବଂ ୨ଶହ୮୦ଗ୍ରାମ ଓଜନର ହିରୋଇନ ବ୍ରାଉନ ସୁଗାର ଜବତ କରାଯାଇଛି । ବ୍ରାଉନସୁଗାର ବିକାଳି ବସ୍ତାଥାନା ର ଅଶୋକକୁମାର ବିଶ୍ୱାଳ ଘର ଦରଡା । ପଦ୍ମଲୋଚନ ତରାଇ ଘର ଦରଡା । ଦେଶି ମଦ ବିକାଳି ମୟୂରଭଞ୍ଜ ଅଞ୍ଚଳର ଗୋବିନ୍ଦପୁର ଗ୍ରାମର ରାଜୁ ଟୁଡୁ ଓ ରଘୁଆ ମାରାଣ୍ଡି ଗୀରଫକରାଯାଇଛି । କେସନଂ-୨୭/୨୮/୨୯/୧୬୩/୨୨ ମୁଳେ ମାମଲା ରୁଜୁ ହୋଇଛି ବୋଲି ବିଭାଗ ପକ୍ଷରୁ ପ୍ରକାଶ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo